# ସମ୍ବଲପୁରରେ 'ସର୍‌ସତିଆ ଦିନ୍' ପାଳିତ

## ସର୍‌ସତିଆକୁ ଜିଆଇ ଟ୍ୟାଗ୍ ପାଇଁ ଚାଲିଛି ଉଦ୍ୟମ

**ସମ୍ବଲପୁର, ୨୩।୨ (ସମିସ)**

ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଆଜି ଫେବୃଆରୀ ୨୩ ତାରିଖ ପୂର୍ବାହ୍ଣରେ ଦ୍ୱିତୀୟ ବର୍ଷ ପାଇଁ 'ସର୍‌ସତିଆ ଦିନ୍' ପାଳିତ ହୋଇଯାଇଛି। କେଉଁ ଯୁଗରୁ ବର୍ଷକ ଥରେ ଶିବରାତ୍ରି ସମୟରେ ଗଞ୍ଜେର ଫୁଲ ମହାଦେବଙ୍କୁ ଲାଗି ହୋଇଥାଏ, ଗଞ୍ଜେର ରସରୁ ସର୍‌ସତିଆ ତିଆରି ହେଉଥିବାରୁ ଶିବରାତ୍ରି ପରେ ପରେ 'ସର୍‌ସତିଆ ଦିନ୍' ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସରସତିଆ ପ୍ରସ୍ତୁତକାରୀ ପ୍ରଭୁଲାଲ ଗୁପ୍ତା (ମିଞ୍ଚୁ କାକା) ଙ୍କ ଅନୁଯାୟୀ, ତାଙ୍କ ଅଜାଙ୍କଠାରୁ ଆରମ୍ଭ କରି ଚାରିପିଢ଼ି ଧରି ସେମାନେ ସର୍‌ସତିଆ ପ୍ରସ୍ତୁତ କରିଆସୁଛନ୍ତି। ଗଞ୍ଜେର ବୋଲି ଏକ ଗଛର ରସରେ ଚାଉଳ ଚୂନା ଓ ଚିନି ଦେଇ ଏହାକୁ ପ୍ରସ୍ତୁତ କରାଯାଇଥାଏ। ୧୮୬୬ ମସିହାରେ ରାଜାରାଜୁଡ଼ା ସମୟରୁ ତାଙ୍କ ଦୋକାନରେ ସର୍‌ସତିଆ ପ୍ରସ୍ତୁତ ହେଉଛି। ଗୋରା ଶାସନ ସମୟରେ ଏଠାକାର ଜଙ୍ଗଲ ରାସ୍ତାରେ ସେମାନେ ଯାଉଥିବାବେଳେ ଏହାକୁ ଦେଖି ଆଶ୍ଚର୍ଯ୍ୟଚକିତ ହେଉଥିଲେ। ସରକାର ଶୀଘ୍ର ସର୍‌ସତିଆକୁ ଜିଆଇ ଟ୍ୟାଗ୍ ପ୍ରଦାନ କରିବାକୁ ଶ୍ରୀ ଗୁପ୍ତା ଦାବି କରିଛନ୍ତି। ଜିଆଇ ଟ୍ୟାଗ୍




ପାଇଲାପରେ ଭୁବନେଶ୍ୱର କିମ୍ବା ଅନ୍ୟ ସ୍ଥାନରେ ଏହାକୁ ପ୍ରସ୍ତୁତ କରିବା ପାଇଁ କହିଲେ ଆମେ ସହଯୋଗ କରିବୁ ବୋଲି ସେ କହିଛନ୍ତି।

ଲଳିତ ମୋହନ ବେବର୍ତ୍ତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓରମାସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମନ୍ତ ହୋତା, ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସଞ୍ଜୟ ମହାପାତ୍ର, ସମାଜସେବୀ ଡ. ପ୍ରମୋଦ ରଥ, ସମ୍ବଲପୁରୀ ଧନୁଯାତ୍ରାର କଂସ ଭୂମିକାରେ ଅଭିନୟ କରୁଥିବା ଫଣୀନ୍ଦ୍ର ପଣ୍ଡା, ସଞ୍ଜିବ ପ୍ରସାଦ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଶ୍ରୀ ହୋତା ସର୍‌ସତିଆକୁ ଜିଆଇ ଟ୍ୟାଗ୍ ସକାଶେ ପ୍ରକ୍ରିୟା ଜାରି ରହିଥିବା ସୂଚନା ଦେଇଥିଲେ। ଅତିଥିମାନେ ସମ୍ବଲପୁରର ପ୍ରସିଦ୍ଧ ମିଷ୍ଟାନ୍ନ ସର୍‌ସତିଆ ବିଷୟରେ କହିବାସହ ଏହାର ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରଚାର ପ୍ରସାର ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ମତ ରଖିଥିଲେ। ସରସତିଆ ପ୍ରସ୍ତୁତକାରୀ ପ୍ରଭୁଲାଲ ଗୁପ୍ତା (ମିଞ୍ଚୁ କାକା) ଓ ରେଖା ଗୁପ୍ତାଙ୍କ ସହ ପରିବାରର ଲୋକବନ୍ଧୁ ଗୁପ୍ତା, ବବଲି ଗୁପ୍ତା, ଗୌରହରି ଗୁପ୍ତା ଉପସ୍ଥିତ ଥିଲେ। ସର୍‌ସତିଆକୁ ନେଇ ଏକ ବୁକ୍‌ଲେଟ୍ 'ସର୍‌ସତିଆ ଦିନ୍' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପ୍ରଚାରପ୍ରସାରରେ ସହଯୋଗ କରିଥିବା ଇନ୍‌ଫ୍ଲୁଏନ୍ସର ଓ ୟୁ-ଟ୍ୟୁବ୍ ମେକର୍ ସୌରଭ ବ୍ଲଗ୍ସ, ରାହୁଲ ମେହେର ବ୍ଲଗ୍ସ, କୃପାଭାଇ ବ୍ଲଗ୍ସ, ଡାଇନ୍ ୱିଥ୍ ବନ୍ଦନା, ସମ୍ବଲପୁରିଆ-ଆମେ, ସ୍ପନ୍ଦନ ବେହେରା, ଓଏସ୍ଏମ୍-ହିମୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିମାଂଶୁ ଶେଖର ସାହୁ, ରାଜେଶ ସ୍ୱାଇଁ, ପ୍ରେମ ସାହାଣୀ, ଅମିତ ଦାଶ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ, ଜାମିନୀ ଠାକୁର, ଭୂମିସୁତା ମେହେର, ଲଳିତା ଭୋଇ, କାନ୍ତି ମେହେର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରାହୁଲ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

## ମାଆର ମଲା ମୁହଁ ଦେଖିବାକୁ ଆସିଲେନି ଜନ୍ମକଲା ପୁଅଝିଅ

# ସ୍ୱେଚ୍ଛାସେବୀ କଲେ ଅନ୍ତିମ ସଂସ୍କାର

**କୁଚିଣ୍ଡା, ୨୩।୨(ସମିସ):** ସମ୍ବଲପୁର ଜିଲ୍ଲା ବାମରା ନିକଟ କୁଲୁଟା ଠାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ବେଳେ ମାଆଙ୍କ ମଲା ମୁହଁ ଦେଖିବାକୁ ଆସିଲେ ନାହିଁ ତାଙ୍କ ଜନ୍ମ କଲା ପୁଅଝିଅ। ଶେଷରେ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ କୁଲୁଟା ଗ୍ରାମର ଗୌରୀ କିସାନଙ୍କ ସାଗରା ଅଞ୍ଚଳରେ ବିବାହ ହୋଇଥିଲା। ତାଙ୍କ ୨ ପୁଅ ଓ ଜଣେ ଝିଅ ଅଛନ୍ତି। ଗତ ପ୍ରାୟ ୧୦ ବର୍ଷ ପୂର୍ବରୁ ତାଙ୍କ ସ୍ୱାମୀଙ୍କ ସହ ମନୋମାଳିନ୍ୟ ହେବାରୁ ସେ ନିଜ ମାଆଘର କୁଲୁଟାକୁ ଆସି ରହୁଥିଲେ। ସେ ଅତି ଗରିବ ଶ୍ରେଣୀର ଥିବା ବେଳେ ପାଖ ପଡୋଶୀଙ୍କ ଘରେ କାମ କରି ପେଟ ପୋଷୁଥିଲେ। ହେଲେ କିଛି ଦିନ ହେଲା



ସେ ଯକ୍ଷ୍ମା ରୋଗରେ ପୀଡ଼ିତ ଥିବା ବେଳେ ଗତ ଶନିବାର ଦିନ ତାଙ୍କ ମୃତ୍ୟୁ ହୋଇଥିଲା। ପଡୋଶୀମାନେ ତାଙ୍କ ପୁଅ ଝିଅଙ୍କୁ ସୂଚନା ଦେଇ ଥିଲେ ମଧ ସନ୍ଧ୍ୟା ପର୍ଯ୍ୟନ୍ତ ମାଙ୍କ ମଲାମୁହଁ ଦେଖିବା ପାଇଁ ତାଙ୍କ ପୁଅଝିଅ ଆସିନଥିଲେ। ଶେଷରେ ତାଙ୍କ ଭାଇ ତ୍ରିନାଥଙ୍କ ଅନୁରୋଧକ୍ରମେ ସ୍ୱେଚ୍ଛାସେବୀ ଶ୍ୟାମ ଦାସ, ପିର ଅନସାରି, ଯୁଧିଷ୍ଠିର ବାଗ, କିଶୋର ପଟେଲ୍ ଓ ମାଧବ ଠେମରିଆଙ୍କ ସହ ଅନ୍ୟମାନେ ମିଶି ଶବ ସତ୍କାର କରିଥିଲେ।

## ରେଳବାଇ କର୍ମଚାରୀ ପୁରସ୍କୃତ




**ସମ୍ବଲପୁର, ୨୩।୨ (ସମିସ) :** ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ସୁବାସ ଚନ୍ଦ୍ର ଚୌଧରୀ ଦୁଇଜଣ ସଜାଗ ରେଳବାଇ କର୍ମଚାରୀଙ୍କୁ କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ସେମାନେ ହେଲେ ଟେକ୍ନିସିଆନ୍-ଓ/ସି ଆଣ୍ଡ ଡବ୍ଲୁ/ ସରଳା ଦୟାନିଧି ବାଗ ଓ ଟ୍ରାକମ୍ୟାନ୍-ଓଓ/ ରେଙ୍ଗାଲି ନୀଳାମ୍ବର ନାଏକ। ନିରାପତ୍ତା ପ୍ରତି ସତର୍କତା ଏବଂ ସୁରକ୍ଷିତ ଟ୍ରେନ୍ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଏବଂ ନିରାପତ୍ତା ନିୟମ ଉପରେ ଭଲ ଭାବରେ ଅବଗତ ପାଇଁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ସିନିୟର ଡିଭିଜନାଲ ଇଞ୍ଜିନିୟର (ସମନ୍ୱୟ) ପ୍ରଭାତ ସିଂହ, ସିନିୟର ଡିଭିଜନାଲ ମେକାନିକାଲ୍ ଇଞ୍ଜିନିୟର ମନୀଷ କୁମାର ସିହ୍ନା ରାୟ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମାନେଶ୍ୱର ଶୁଣାଣିରେ ୨୩ ଅଭିଯୋଗ



**ସମ୍ବଲପୁର, ୨୩।୨ (ସମିସ) :** ମାନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୁଣାଣିରେ ମୋଟ ୨୩ଟି ଆବେଦନ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରେ ୧୮ ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମୀୟ ସମସ୍ୟା ସହିତ ଜଡ଼ିତ ଥିଲା। ରେଡକ୍ରସ ଅଧୀନରେ ଜଣେ ବ୍ୟକ୍ତିଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ବାବଦରେ ପ୍ରଦାନ କରାଗଲା। ମଧୁବାବୁ ପେନସନ ଯୋଜନା ଅଧୀନରେ ୧୨ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଏବଂ ୨୩ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ବିଧବା ଭତ୍ତା ପ୍ରଧାନ କରାଯାଇଥିଲା।

## ୨୭ରେ ପଞ୍ଚମୁଖି ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ

ସମ୍ବଲପୁର, ୨୩।୨(ସମିସ): ଆସନ୍ତା ୨୭ ତାରିଖ ପଡ଼ିଆବାହାଲ ବଜାରପ୍ରାଙ୍ଗଣ ଠାରେ ନବନିର୍ମିତ ପଞ୍ଚମୁଖୀ ହନୁମାନ ମନ୍ଦିରର ପବିତ୍ର ରତ୍ନମୁଦ ମହୋତ୍ସବ ଅନୁଷ୍ଠିତ ହେବ। ଦିନ ସକାଳ ୯ଟା ଗତେ କଳସଯାତ୍ରା ଓ ୧୦ଟାରେ ଶ୍ରୀଶ୍ରୀଗଣେଶ ପୂଜା ଅନୁଷ୍ଠିତ ହୋଇ ଦିବା ଘ:୧.୧୫ରୁ ଘ:୨.୫୦ ମଧ ରତ୍ନମୁଦ ପୂର୍ଣ୍ଣ କରାଯିବ। କାର୍ଯ୍ୟକ୍ରମ ସହିତ ଉପସ୍ଥିତ ସମସ୍ତେ ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି। ଉତ୍ସବରେ ସମସ୍ତ ଭକ୍ତଜନ ଯୋଗଦେବାକୁ ପଡ଼ିଆବାହାଲ ଆଞ୍ଚଳିକ ପଞ୍ଚମୁଖୀ ହନୁମାନ ମନ୍ଦିର କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

## ଲାୟନ୍ସ କ୍ଲବ୍ ମହାନଦୀର ନୂତନ କମିଟି




ସମ୍ବଲପୁର, ୨୩।୨(ସମିସ): ଲାୟନ୍ସ କ୍ଲବ୍ ମହାନଦୀର ନୂତନ କମିଟି ୨୦୨୬-୨୭ ପାଇଁ ସଭାପତି ମୁକେଶ ଚୌହାନଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି। ନିର୍ବାଚନ ପକ୍ରିୟା ଚେୟାରମ୍ୟାନ ପ୍ରିତମ ଚୌହାନଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା। ସଭାପତି ଭାବେ ମୁକେଶ ଚୌହାନ, ସମ୍ପାଦକ ସଞ୍ଜୟ ବେହେରା, କୋଷାଧକ୍ଷ ଉମାଶଙ୍କର ଗୌଡ଼, ପ୍ରଥମ ଉପସଭାପତି ସୁଧୀର ତରିଆ, ଦ୍ୱିତୀୟ ଉପସଭାପତି ସୁରଜ ଚୌଧୀରି, ତୃତୀୟ ଉପସଭାପତି ଆକାଶ ପଟ୍ଟନାୟକ, ସର୍ଭିସ ଚେୟାର ପର୍ସନ ସୁଜିତ ଭଞ୍ଜ, ମେମ୍ବର ସିପ ଚେୟାର ପର୍ସନ ଗଗନ ମହାନ୍ତି, ମାର୍କେଟିଂ ଚେୟାର ପର୍ସନ ଅଶୋକ ପଟ୍ଟନାୟକ, ବୋର୍ଡ଼ ଅଫ ଡାଇରେକ୍ଟର ମନରଞ୍ଜନ ମଲିକ, ରବୀନ୍ଦ୍ର କୁମାର ସେଠି, ପ୍ରିତମ ଚୌହାନ, କ୍ଲବ୍ ଆଡମିନଷ୍ଟ୍ରେଟର ଉମାଶଙ୍କର ଗୌଡ଼ ଏବଂ ଲାୟନ୍ସର ବିଭିନ୍ନ ପଦପଦବୀରେ ଅନ୍ୟ ସଦସ୍ୟମାନେ ରହିଥିଲେ।

## ଏଲ୍ଆଇସି ପକ୍ଷରୁ ରାଜଯୋଗ ଶିକ୍ଷା ଓ ଗବେଷଣା ଫାଉଣ୍ଡେସନ୍‌କୁ ବସ୍ ପ୍ରଦାନ

**ସମ୍ବଲପୁର, ୨୩।୨ (ସମିସ) :** ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଲ୍ଆଇସି ଗୋଲ୍ଡେନ ଜୁବୁଲି ଫାଉଣ୍ଡେସନ ପ୍ରୟୋଜନାରେ ରାଜଯୋଗ ଶିକ୍ଷା ଓ ଗବେଷଣା ଫାଉଣ୍ଡେସନ, ସମ୍ବଲପୁର ରିଜନ୍‌କୁ ଏକ ୨୬ ସିଟ୍‌ର ବସ୍ ପ୍ରଦାନ କରାଯାଇଛି। ଏହି ବସ୍ ଦାନ ମାଧ୍ୟମରେ ଫାଉଣ୍ଡେସନ୍‌ର ସାମାଜିକ ସେବା, ଆଧ୍ୟାତ୍ମିକ ଉନ୍ନତି ତଥା ଏକ ନିଶାମୁକ୍ତ ସମାଜ ଗଠନର କାର୍ଯ୍ୟକଳାପରେ ଯାତାୟାତର ସୁବିଧା ସୁଦୃଢ଼ ହେବ। ଏହା ଏଲ୍ଆଇସିର ସମାଜ ସେବା ପ୍ରତି ପ୍ରତିବଦ୍ଧତା ଓ ଶିକ୍ଷା, ଆଧ୍ୟାତ୍ମିକ ଉନ୍ନତି ଏବଂ ସାମୁଦାୟିକ ବିକାଶ ପ୍ରତି ଦୃଢ଼ ସମର୍ଥନକୁ ପ୍ରତିବିମ୍ବିତ କରୁଛି।

ଏହି ଅବସରରେ ଏଲ୍ଆଇସିର ପରିଚାଳନା ନିର୍ଦ୍ଦେଶକ ରତ୍ନାକର ପଟ୍ଟନାୟକ ବସ୍‌ର ଚାବିକାଠି ବ୍ରହ୍ମକୁମାରୀ ପାବନ ସରୋବର, ସମ୍ବଲପୁରରେ ଅଧକ୍ଷାଙ୍କୁ ହସ୍ତାନ୍ତର କରିଥିଲେ।




ତାଙ୍କ ସହିତ ଆଞ୍ଚଳିକ ପରିଚାଳକ (ଇସିଜେଡ୍) ମନୋଜ କୁମାର ପଣ୍ଡା, କ୍ଷେତ୍ରୀୟ ପ୍ରବନ୍ଧକ ରବିନାରାୟଣ ପୂଜାରୀ, ବିପଣନ ପ୍ରବନ୍ଧକ ପ୍ରଭାତ କୁମାର ପୃଷ୍ଟି ତଥା ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଲ୍ଆଇସିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ସମାଜର ସାମଗ୍ରିକ ବିକାଶ ପାଇଁ ଏପରି ସେବାମୂଳକ ପଦକ୍ଷେପ ଭବିଷ୍ୟତରେ ମଧ ଜାରି ରହିବ। ରାଜଯୋଗ ଶିକ୍ଷା ଓ ଗବେଷଣା ଫାଉଣ୍ଡେସନର ପ୍ରତିନିଧିମାନେ ଏଲ୍ଆଇସି ଗୋଲ୍ଡେନ ଜୁବୁଲି ଫାଉଣ୍ଡେସନକୁ ଏହି ମହତ୍ତ୍ୱପୂର୍ଣ୍ଣ ସହଯୋଗ ପାଇଁ ପ୍ରଶଂସା କରିଥିଲେ।

## ସମ୍ବଲପୁର-ପୁରୀ ଓ ସମ୍ବଲପୁର-ରାୟଗଡ଼ା

# ଟ୍ରେନ୍‌ରେ ନୂତନ ଏଲ୍ଏଚ୍‌ବି କୋଚ୍ ସଂଯୋଗ ନିଷ୍ପତ୍ତିକୁ ସ୍ୱାଗତ

**ସମ୍ବଲପୁର, ୨୩।୨ (ସମିସ) :** ସମ୍ବଲପୁର ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିବ ରେଳବାଇ। ବହୁଦିନ ହେଲା ଆଇସିଏଫ୍ କୋଚ୍ ବଦଳରେ ଏଲ୍ଏଚ୍‌ବି କୋଚ୍ ସଂଯୋଗ କରିବାକୁ ଦାବି ହେଇଆସୁଥିଲା। ଶେଷରେ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଆସନ୍ତା ୨୫ ତାରିଖରୁ ସମ୍ବଲପୁର-ପୁରୀ ଓ ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟି ଏକ୍ସପ୍ରେସ୍‌ରେ ଏହି ନୂତନ କୋଚ୍ ସଂଯୋଗ କରିବାକୁ ରେଳବାଇ ପକ୍ଷରୁ ପତ୍ର ସଂଖ୍ୟା ୫୨/୨୦.୨.୨୦୨୫ ଜରିଆରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଅତି ପୁରୁଣା ବଗି ହେବାସହ ନିମ୍ନମାନର ହୋଇଥିବାରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଜନଦାବୀ ଓ ଚାପ ଫଳରେ ଶେଷରେ ଏଲ୍ଏଚ୍‌ବି (ଲିଙ୍କେ-ହୋଫ୍‌ମେନ୍-ବୁସ୍) କୋଚ୍ ଲାଗିବ, ଯାହାକି ଭାରତୀୟ ରେଳ ଦ୍ୱାରା ଆଧୁନିକ ପେସେଞ୍ଜର ଟ୍ରେନ୍ ମାନଙ୍କରେ ଲାଗିଥାଏ। ଏହା ଏଣ୍ଟି ଟେଲିସ୍କୋପିକ୍ ଟେକ୍‌ନୋଲୋଜିରେ ତିଆରି ଯଦ୍ୱାରା ଯାତ୍ରା ଆରାମଦାୟକ ହୋଇଥାଏ। ଆଇସିଏଫ୍ କୋଚ୍ ଗୁଡ଼ିକ ଅପେକ୍ଷା ଏଲ୍ଏଚ୍‌ବି କୋଚ୍ ଅଧିକ ଉନ୍ନତମାନର ହୋଇଥାଏ। ୨୦୦୦ ମସିହାଠାରୁ ପ୍ରଚଳିତ ଏହି ବଗିଗୁଡ଼ିକୁ ବର୍ତ୍ତମାନ ଏସ୍‌ଟମ୍ କୁହାଯାଉଛି। ସୁରକ୍ଷା ଦୃଷ୍ଟିରୁ ଉଚ୍ଚମାନର ଏହି ବଗି ଘଣ୍ଟାପ୍ରତି ଅଧିକ ବେଗରେ ଯାତାୟାତର କ୍ଷମତା ରହିଛି। ପୂର୍ବତନ ପ୍ରଶାସକ ସୀତାଂଶୁ ତ୍ରିପାଠୀ ରେଳବାଇର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଶ୍ରୀ ତ୍ରିପାଠୀ ଏହାକୁ କାର୍ଯ୍ୟକାରୀ କରିବାକୁ ବହୁବାର ସମ୍ବଲପୁର ଡିଆର୍ଏମ୍ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସାକ୍ଷାତକରି ଅନୁରୋଧ କରିଥିଲେ।

## ଜମନକିରାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଜମନକିରା, ୨୩।୨(ସମିସ):** ଜମନକିରା ବ୍ଲକ ସାମ୍ବାଦିକ ୟୁନିଅନ (ଓୟୁଜେ) ଓ ଆରୋଗ୍ୟ ଭାରତୀ ଓଡ଼ିଶା ପଶ୍ଚିମପ୍ରାନ୍ତ ତଥା ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ, କ୍ରିଷ୍ଣା ବିକାଶ ହସ୍ପିଟାଲସ୍ ମିଳିତ ଆନୁକୂଲ୍ୟରେ ଜମନକିରା ସାମ୍ବାଦିକ ଭବନରେ ରବିବାର ମାଗଣା ସ୍ୱାସ୍ଥ୍ୟ, ଚକ୍ଷୁ ଓ ଦନ୍ତ ପରିକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ବରଗଡ଼ ସ୍ଥିତ ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ, କ୍ରିଷ୍ଣା ବିକାଶ ହସ୍ପିଟାଲସ୍‌ର ଗୋଷ୍ଠୀ ସେବା ମୁଖ୍ୟ ଡ଼.ଅଜିତ୍ ନାଏକଙ୍କ ତତ୍ତ୍ୱାବଧାନରେ ଚର୍ମରୋଗ ଡ଼. ଦେବାଂଶୀ ସାରୱାଗୀ, ଭେଷଜ ଡ଼. ସୌରଭ ରାଠି, ଛାତି ଓ ଫୁସଫୁସ୍ ଡ଼. ଏନ୍ ଅତୁଲ୍ୟା, ଦନ୍ତ ରୋଗ ଡ଼. ମୌସୁମୀ ଦୁବେ, ଫିଜିଓଥେରାପି ଡ଼. ଅମନ ଦାସ, ଆହାର ଓ ତଥ୍ୟ ଡ଼. ଶ୍ରଦ୍ଧା ଶର୍ମା ତଥା ବରଗଡ଼ ବିକାଶ ହସ୍ପିଟାଲର ଷ୍ଟାଫ ନର୍ସ, ଟେକ୍ନିସିଆନ୍ ପ୍ରମୁଖ ୨୦ଜଣିଆ ଡାକ୍ତରୀ ଟିମ୍ ଯୋଗ ଦେଇଥିଲେ। ଜମନକିରା ବ୍ଲକ ଅଞ୍ଚଳର ପ୍ରାୟ ୪୩୦ ଜଣଙ୍କୁ ପଞ୍ଜିକୃତ ପରେ ମାଗଣା ସ୍ୱାସ୍ଥ୍ୟ, ଚକ୍ଷୁ ଓ ଦନ୍ତ ପରିକ୍ଷା ପରେ ମାଗଣା ଔଷଧ ପ୍ରଦାନ କରାଯାଇ ଥିଲା। ଏଥିସହ ପ୍ରାୟ୨୦ ଜଣ ରୋଗୀଙ୍କୁ ଚକ୍ଷୁ ପରୀକ୍ଷା ସହ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇ ଥିଲା। ସମସ୍ତ ମୋତିଆବିନ୍ଦୁ ରୋଗୀଙ୍କୁ ବରଗଡ଼ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ଥିଲା। ସେଠାରେ ମାଗଣା ରେ ଚକ୍ଷୁ ରୋଗୀଙ୍କୁ ଲେନ୍ସ ରୋପଣ ସହ ଚଷମା, ଔଷଧ ପ୍ରଭୃତି ପ୍ରଦାନ କରାଯିବ। ଜମନକିରା ବ୍ଲକ ସାମ୍ବାଦିକ ୟୁନିଅନ୍ (ଓୟୁଜେ) ସଭାପତି କ୍ଷିତିରଞ୍ଜନ ପଧାନ, ସମ୍ପାଦକ ସନ୍ତୋଷ ପଟେଲ, ରାଜ୍ୟ କୋଷାଧକ୍ଷ ଅମୂଲ୍ୟ ରଞ୍ଜନ ସ୍ୱାଇଁ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ସଚ୍ଚିକାନ୍ତ ସାହୁ, ଜିଲ୍ଲା ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ, ସୁବାଷ ନାଥ ଶର୍ମା, ଅଶ୍ୱିନୀ ମହାକୁଲ, ସଞ୍ଜୟ ପଟେଲ, ଦାମୋଦର ନାଏକ, ଦ୍ରୌପଦୀ ପଧାନ ତଥା ଆରୋଗ୍ୟ ଭାରତୀ ଓଡ଼ିଶା ପଶ୍ଚିମ ପ୍ରାନ୍ତ ସଚିବ ଡ଼. କାର୍ତ୍ତିକେଶ୍ୱର ପଧାନ, କଦଳୀମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ସିଂ, ଦୀପକ ସାହୁ, ରାମ ନାରାୟଣ ସାହୁ, ଶ୍ରୀପତି ଦେହୁରୀ, ଦିଲିପ ବହିଦାର, ବିନୋଦ ଅର୍କ, ମୋତିଲାଲ ସାହୁ ପ୍ରମୁଖ ସ୍ୱାସ୍ଥ୍ୟ ପରିକ୍ଷା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାର ନୂତନ ରେଙ୍ଗାଲି ଏନ୍ଏସିରେ ୧୪ ଓ ବାମରାରେ ୧୨ ୱାର୍ଡ ପ୍ରସ୍ତାବ

**ସମ୍ବଲପୁର, ୨୩।୨ (ସମିସ) :** ସମ୍ବଲପୁର ଜିଲ୍ଲାରେ କୁଚିଣ୍ଡା ଓ ରେଢ଼ାଖୋଲି ଦୁଇଟି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଥିବାବେଳେ ସରକାରଙ୍କ ଘୋଷଣା ଅନୁଯାୟୀ ଆଉ ଦୁଇଟି ଏନ୍ଏସି ରେଙ୍ଗାଲି ଓ ବାମରା ସକାଶେ ପ୍ରକ୍ରିୟା ଆରମ୍ଭ ହୋଇଛି। ରେଙ୍ଗାଲି ଓ ବାମରା ଏନ୍ଏସିର ଡ୍ରାଫ୍ଟ ନୋଟିଫିକେସନ୍ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ଯଥାକ୍ରମେ ୩୩୨୨ ଓ ୩୩୨୭ ଜରିଆରେ ପ୍ରକାଶ ପାଇଛି। ଏଥିନୁଯାୟୀ ରେଙ୍ଗାଲି ଏନ୍ଏସିରେ ଅନ୍ତର୍ଭୁକ୍ତ ଅଞ୍ଚଳକୁ ନେଇ ୧୪ଟି ୱାର୍ଡ ରହିଥିବାବେଳେ ବାମରା ଏନ୍ଏସିରେ ୧୨ଟି ୱାର୍ଡ ରହିଛି। ପ୍ରସ୍ତାବିତ ୱାର୍ଡ ସୀମା ନିର୍ଦ୍ଧାରଣ (ଡିଲିମଟେସନ୍ ଅଫ୍ ୱାର୍ଡ) ଏବଂ ଆସନ ସଂରକ୍ଷଣକୁ ନେଇ ଅଭିଯୋଗ ଏବଂ ପ୍ରସ୍ତାବ ଆହ୍ୱାନ କରାଯାଇଛି।

ସୂଚନା ଅନୁଯାୟୀ, ରେଙ୍ଗାଲି ଏନ୍ଏସିରେ ୱାର୍ଡ ନଂ.୧ ଲଛମନପଡ଼ା, ଡୁଙ୍ଗରିପଡ଼ା ଓ ଗଣେଶ ନଗରକୁ ନେଇ ହୋଇଥିବାବେଳେ ୱାର୍ଡ ୨ ସିଆନବାହାଲ ଓ ପନସପଡ଼ା, ୱାର୍ଡ ୩ ସାଲେପଡ଼ା ଓ ଜାମବାହାଲ, ୱାର୍ଡ ୪ ମହୁଲପଡ଼ା ବଡ଼ପଡ଼ା ଓ ରାମପଡ଼ା, ୱାର୍ଡ ୫ ପୁରୁଣାବସ୍ତି (କ), ୱାର୍ଡ ୬ ପୁରୁଣାବସ୍ତି (ଖ), ୱାର୍ଡ ୭ ମାଉଲିନଗର, ୱାର୍ଡ ୮ ଓରାମପଡ଼ା, ୱାର୍ଡ ୯ ଷ୍ଟେସନବସ୍ତି ଓ ଝଣ୍ଡା ଛକ, ୱାର୍ଡ ୧୦ ଗୌରପଡ଼ା ଓ ଭୀମନଗର, ୱାର୍ଡ ୧୧ ଝୁରିପଡ଼ା, ରାୟନପଡ଼ା ଓ ବାହାଲପଡ଼ା, ୱାର୍ଡ ୧୨ ଚାଉଲଡିପୋ (କ), ୱାର୍ଡ ୧୩ ଚାଉଲଡିପୋ (ଖ) ଏବଂ ୱାର୍ଡ ୧୪ ଗୋବର୍ଦ୍ଧନପଡ଼ା, କଲୋନୀପଡ଼ା ଓ ବ୍ଲକପଡ଼ାକୁ ନେଇ ଗଠିତ। ଅନ୍ୟପକ୍ଷରେ ୱାର୍ଡ ସଂରକ୍ଷଣରେ ୱାର୍ଡ ୧ ମହିଳା, ୨ ଏସ୍‌ଟି, ୩ ଏସ୍‌ଟି (ମହିଳା), ୪ ଏସ୍‌ଟି (ମହିଳା), ୫ ଅଣସଂରକ୍ଷିତ, ୬ ଏସ୍‌ଟି, ୭ ମହିଳା, ୮ ଅଣସଂରକ୍ଷିତ, ୯ ଅଣସଂରକ୍ଷିତ, ୧୦ ମହିଳା, ୧୧ ଏସ୍‌ଟି, ୧୨ ଅଣସଂରକ୍ଷିତ, ୧୩ ମହିଳା ଏବଂ ୧୪ ଏସ୍‌ଟି (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି। ୱାର୍ଡ ସୀମା ନିର୍ଦ୍ଧାରଣ ଏବଂ ସଂରକ୍ଷଣକୁ ନେଇ ଆପତ୍ତି ଅଭିଯୋଗ କରାଗଲେ ପ୍ରଶାସନ ପକ୍ଷରୁ ତାହାର ବିଚାର କରାଯିବ।

ସେହିପରି ବାମରା ଏନ୍ଏସିରେ ୱାର୍ଡ ନଂ.୧ ମଝିପଡ଼ା, ଗୁଣ୍ଡିଚାପଡ଼ା ଓ ପୁରୁଣାବସ୍ତିକୁ ନେଇ ହୋଇଥିବାବେଳେ ୱାର୍ଡ ୨ ତାଲଡିହିପଡ଼ା, ଟିଡିସି ଗୋଦାମପଡ଼ା ଓ ପଶୁପଡ଼ା, ୱାର୍ଡ ୩ ମିଟୁପଡ଼ା ଓ ପଣ୍ଡରିପଥର, ୱାର୍ଡ ୪ ନୂଆପଡ଼ା ଓ ଗୌରପଡ଼ା, ୱାର୍ଡ ୫ ଡୁମେରମୁଣ୍ଡା, ଆମମୁଣ୍ଡା ଓ ବିଜୁ ଛକ, ୱାର୍ଡ ୬ ଷ୍ଟେସନବସ୍ତି, ଡେଲି ମାର୍କେଟ୍ ଓ ରେଲୱେ କଲୋନୀ, ୱାର୍ଡ ୭ ମନ୍ଦିରପଡ଼ା ଓ ଶିଶାଲ ଫାର୍ମ, ୱାର୍ଡ ୮ ରଜାବନ୍ଧପଡ଼ା, ହାତୀପଡ଼ା ଓ ଫରେଷ୍ଟ କଲୋନୀ, ୱାର୍ଡ ୯ ବ୍ଲକ କଲୋନୀ, ବସଷ୍ଟାଣ୍ଡ, ଦଲଦଲିଆପଡ଼ା ଓ ହାଇସ୍କୁଲପଡ଼ା, ୱାର୍ଡ ୧୦ ବଗିଚାପଡ଼ା, ମୁଣ୍ଡାଢ଼ିପା ଓ ବଜାରପଡ଼ା, ୱାର୍ଡ ୧୧ ଗଣେଶନଗର, ମଇନାପଡ଼ା ଓ ଖୋକୋପଡ଼ା ଏବଂ ୱାର୍ଡ ୧୨ ହରିପଡ଼ାକୁ ନେଇ ଗଠିତ। ଅନ୍ୟପକ୍ଷରେ ୱାର୍ଡ ସଂରକ୍ଷଣରେ ୱାର୍ଡ ୧ ମହିଳା, ୨ ଅଣସଂରକ୍ଷିତ, ୩ ମହିଳା, ୪ ଅଣସଂରକ୍ଷିତ, ୫ ଏସ୍‌ସି (ମହିଳା), ୬ ଅଣସଂରକ୍ଷିତ, ୭ ଅଣସଂରକ୍ଷିତ, ୮ ଏସ୍‌ଟି, ୯ ଏସ୍‌ଟି, ୧୦ ଏସ୍‌ଟି (ମହିଳା), ୧୧ ମହିଳା ଏବଂ ୧୨ ଏସ୍‌ଟି (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି। ଏହାକୁ ନେଇ ପ୍ରଶାସନ ପକ୍ଷରୁ ଆପତ୍ତି ଅଭିଯୋଗ ଆହ୍ୱାନ କରାଯାଇଛି।

# ମାଟ୍ରିକ ପରୀକ୍ଷାର ତୃତୀୟ ପତ୍ର

**ସମ୍ବଲପୁର, ୨୩।୨ (ସମିସ)**

ଗତ ୧୯ ତାରିଖରୁ ମାତୃଭାଷା ଓଡ଼ିଆ ସହ ଆରମ୍ଭ ହୋଇଛି ଚଳିତବର୍ଷର ମାଟ୍ରିକ ପରୀକ୍ଷା। ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଆୟୋଜିତ ପରୀକ୍ଷାର ଆଜି ଥିଲା ତୃତୀୟ ଦିନ। ମାଧ୍ୟମିକ ଶିକ୍ଷା ବୋର୍ଡର ସମ୍ବଲପୁର ଜୋନ୍ ଅନ୍ତର୍ଗତ ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାରେ ଆଜି ତୃତୀୟ ପତ୍ର ସଂସ୍କୃତ / ହିନ୍ଦୀ ପରୀକ୍ଷାରେ ୨୩୫୫ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି। ବଲାଙ୍ଗୀର ଜିଲ୍ଲାରେ ସର୍ବାଧିକ ୭୦୯ ଜଣ

## ପଶ୍ଚିମ ଓଡ଼ିଶାର ୯ ଜିଲ୍ଲାରୁ ୨୩୫୫ ଅନୁପସ୍ଥିତ

ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ମାଟ୍ରିକ ପରୀକ୍ଷା ପ୍ରଥମ ଦିନରୁ ହିଁ ସମ୍ବଲପୁର ଜୋନ୍‌ରେ ୨୩୦୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିଲେ। ଗତବର୍ଷ ମଧ ରାଜ୍ୟରେ ପଞ୍ଜିକରଣ କରିବାସହ ସମସ୍ତ ଯୋଗ୍ୟତା ପୂରଣ କରିଥିବା ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାକୁ ଆସିନଥିବା ଚର୍ଚ୍ଚା ପରିସରକୁ ଆସିଥିଲା। ଚଳିତବର୍ଷ ମଧ ଦାଦନପ୍ରବଣ କିଛି ଜିଲ୍ଲାରେ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଇ ପରୀକ୍ଷା ସମୟରେ ମଧ ଆସିପାରିନଥିବା କୁହାଯାଉଛି। ଏନେଇ ବୁଦ୍ଧିଜୀବୀ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଉଛି।

ସୋମବାର ପରୀକ୍ଷାର ତୃତୀୟ ପତ୍ରରେ ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ବଲପୁର ଜୋନ ଅନ୍ତର୍ଗତ ସମ୍ବଲପୁର ଜିଲ୍ଲାରେ ୧୧୪୯୮ ଜଣରୁ ୧୩୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ଦେବଗଡ଼ ଜିଲ୍ଲାରେ ୪୦୫୭ ରୁ ୬୮, କଳାହାଣ୍ଡି ଜିଲ୍ଲାରେ ୨୧୧୦୩ ରୁ ୪୪୦, ବରଗଡ଼ ଜିଲ୍ଲାରେ ୧୭୬୩୬ ରୁ ୨୨୦, ସୁନ୍ଦରଗଡ଼ ଜିଲ୍ଲାରେ ୨୪୦୦୫ ରୁ ୩୧୭, ବଲାଙ୍ଗୀର ଜିଲ୍ଲାରେ ୨୩୪୯୧ରୁ ୭୦୯, ଝାରସୁଗୁଡା ଜିଲ୍ଲାରେ ୬୧୩୩ ରୁ ୧୦୬, ସୁବର୍ଣ୍ଣପୁର ଜିଲ୍ଲାରେ ୮୧୮୩ ରୁ ୧୫୩ ଏବଂ ନୂଆପଡ଼ା ଜିଲ୍ଲାରେ ୯୬୩୬ ରୁ ୨୧୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇନାହାନ୍ତି। ଅନ୍ୟପକ୍ଷରେ ଆଜି ପଶ୍ଚିମର ୯ଟି ଜିଲ୍ଲାରୁ ପରୀକ୍ଷାରେ ଜଣେ ହେଲେ କପିକରି ଧରା ପଡ଼ିନଥିବା ସୂଚନା ମିଳିଛି।

ଆସନ୍ତା ୨୫ ତାରିଖରେ ସାଧାରଣ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଏବଂ ଶେଷଦିନ ମାର୍ଚ୍ଚ ୨ ତାରିଖରେ ଗଣିତ ପରୀକ୍ଷା ହେବ। ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ସିସିଟିଭି କ୍ୟାମେରା ସହ ଲାଇଭ୍ ଷ୍ଟ୍ରିମିଂ ହେଉଥିବାବେଳେ ମାଧ୍ୟମିକ ଶିକ୍ଷା ବୋର୍ଡ କାର୍ଯ୍ୟାଳୟ, କଟକରୁ ତାହାକୁ ମନିଟରିଂ କରାଯାଉଛି। ପ୍ରଥମଥର ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଛି। ଜିଲ୍ଲା ଗୁଡ଼ିକର ନୋଡାଲ କେନ୍ଦ୍ର ମାନଙ୍କରେ ପ୍ରଶ୍ନପତ୍ର ଓ ଉତ୍ତର ପତ୍ର ସିସିଟିଭି କ୍ୟାମେରା ସହ ପୁଲିସର କଡ଼ା ସୁରକ୍ଷା ମଧ୍ୟରେ ରହିଛି।

## ସମ୍ବଲପୁର ଜିଲ୍ଲାରେ ପରୀକ୍ଷା ଦେଲେନି ୧୩୨

ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ମାଧ୍ୟମିକ ଶିକ୍ଷା ବୋର୍ଡର ମାଟ୍ରିକ ପରୀକ୍ଷାରେ ସୋମବାର ତୃତୀୟ ପତ୍ର ସଂସ୍କୃତ / ହିନ୍ଦୀରେ ସମ୍ବଲପୁର ଜିଲ୍ଲାରେ ୧୩୨ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ସମ୍ବଲପୁର ଜିଲ୍ଲାରେ ୨୧୩ଟି ହାଇସ୍କୁଲର ପରୀକ୍ଷାର୍ଥୀ ୮୧ଟି କେନ୍ଦ୍ରରେ ପରୀକ୍ଷା ହେଉଛି। ଆଜି ମାଟ୍ରିକ ପରୀକ୍ଷାର ତୃତୀୟ ପତ୍ର ପରୀକ୍ଷାରେ ଜିଲ୍ଲାର ରେଗୁଲାର ଓ ଏକ୍ସ-ରେଗୁଲାର ୧୧୪୯୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧୩୬୬ ଜଣ ପରୀକ୍ଷା ଦେଇଛନ୍ତି, ୧୩୨ ଜଣ ଅନୁପସ୍ଥିତ ଥିଲେ। ସେହିପରି କରେସ୍‌ପଣ୍ଡେନ୍ସ କୋର୍ସ (ସିସି) ପରୀକ୍ଷାରେ ୩୪ରୁ ୪ ଜଣ ଅନୁପସ୍ଥିତ ଥିବାବେଳେ ମଧ୍ୟମାରେ ସମସ୍ତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏସ୍ଓଏସ୍‌ସି ପରୀକ୍ଷାର୍ଥୀ ସମସ୍ତ ୪ ଜଣ ଅନୁପସ୍ଥିତ ଥିବା ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ସମ୍ବଲପୁର ଜିଲ୍ଲାରେ କେହି ବି କପି କରି ଧରାପଡ଼ିନାହାନ୍ତି। ଆଜି ସୋମବାର ପରୀକ୍ଷା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ ୭ଟି ଓ ୩ଟି କେନ୍ଦ୍ର ପରିଦର୍ଶନ କରିଥିବାବେଳେ ଡିଇଓ କାର୍ଯ୍ୟାଳୟ ସ୍କ୍ୱାଡ୍ ୭ଟି ଏବଂ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସ୍କ୍ୱାଡ୍ ୭ଟି ଏହିଭଳି ମୋଟ ୨୪ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି।

## ସମ୍ବଲପୁରରେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ବୋର୍ଡ ସମ୍ପାଦକ

**ସମ୍ବଲପୁର, ୨୩।୨ (ସମିସ):** ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡ଼ିଶାର ସମ୍ପାଦକ ସରୋଜ ବେହେରା ଆଜି ସମ୍ବଲପୁର ଗସ୍ତରେ ଆସି ମାଟ୍ରିକର ତୃତୀୟ ପତ୍ର ପରୀକ୍ଷା ଚାଲିଥିବା ବେଳେ ୭ଟି କେନ୍ଦ୍ର ବୁଲି ଦେଖିଛନ୍ତି। ସେଗୁଡ଼ିକ ହେଲା - ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, ଲେଡିଲୁଇସ ଗାର୍ଲସ ହାଇସ୍କୁଲ, ଧନୁପାଲି ଶ୍ରୀଗଣେଶ ଗାର୍ଲସ ହାଇସ୍କୁଲ, ମାନେଶ୍ୱର ହାଇସ୍କୁଲ, ବଟେମୁରା ହାଇସ୍କୁଲ, ବରଗାଁ ହାଇସ୍କୁଲ ଓ ଯୁଯୋମୁରା ହାଇସ୍କୁଲ। ପରିଦର୍ଶନ ସମୟରେ ସମ୍ପାଦକ ଶ୍ରୀ ବେହେରା ନୋଡାଲ କେନ୍ଦ୍ରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯୋଗାଣ, ପରୀକ୍ଷା କେନ୍ଦ୍ର ମାନଙ୍କରେ ସିସିଟିଭି କ୍ୟାମେରା କଟକ ମୁଖ୍ୟାଳୟକୁ ସଂଯୋଗ, ଶାନ୍ତିଶୃଙ୍ଖଳା ବଜାୟ ରଖିବା, ପରୀକ୍ଷା ହଲ୍‌ରେ ଆବଶ୍ୟକୀୟ ଆଲୋକ ବ୍ୟବସ୍ଥା, ପିଲାମାନଙ୍କ ପାଇଁ ଶୁଦ୍ଧ ପାନୀୟ ଜଳଯୋଗାଣ ଓ ଶୌଚାଳୟ ବ୍ୟବସ୍ଥା ସହ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଏବଂ ମାଧ୍ୟମିକ ଶିକ୍ଷା ବୋର୍ଡର ସ୍ୱତନ୍ତ୍ର ସ୍କ୍ୱାଡ୍ ସଦସ୍ୟ ସୁଭାଶିଷ ସରକାର ଉପସ୍ଥିତ ଥିଲେ।

ସନ୍ଧ୍ୟାରେ ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ସମ୍ପାଦକ ସରୋଜ ବେହେରା ଡିଇଓ ଶ୍ରୀ ଭୋଇ ଓ ଶ୍ରୀ ସରକାର ପରବର୍ତ୍ତୀ ପରୀକ୍ଷା ଗୁଡ଼ିକ ପାଇଁ ପ୍ରସ୍ତୁତି ଓ ପରିଚାଳନା ବିଷୟରେ ବିଶଦ ଭାବେ ଆଲୋଚନା କରି ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥିଲେ।

# ଦିନ ଦିପହରେ ମହାନଦୀ ଘାଟରୁ ବାଲି ଚୋରା ଚାଲାଣ

ଶଗଡା,୨୩।୨(ସମିସ)



ବୌଦ୍ଧ ଜିଲ୍ଲାରେ ଦୈନନ୍ଦିନ ଶହଶହ ବାଲି ଜିଲ୍ଲା ଓ ଜିଲ୍ଲା ବାହାରକୁ ଚୋରା ଚାଲାଣ ହେଉଛି। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଦହ୍ୟା ମହାନଦୀ ଘାଟରୁ ଏଭଳି ବେଧଡକ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଦୀର୍ଘ ବର୍ଷ ହେଲା ଏହି ପଠାରୁ ବେଆଇନ ଭାବେ ଚାଲିଛି ବାଲି ଚୋରା ଚାଲାଣ। ଦିନ ଦ୍ୱୀପହରରେ ଶହଶହ ଗାଡ଼ିରେ ବାଲି ଚାଲାଣ ହେଉଛି। ଏଥିଯୋଗୁଁ ଦିନକୁ ଦିନ ମହାନଦୀର ବାଲି ଶଯ୍ୟା ନଷ୍ଟ ହେବା ସହ ନଦୀରେ ଏବେ ଖାଲ ସହ ପଥର ଦେଖିବାକୁ ମିଳୁଛି। ଫଳରେ ବିପୁଳ ପରିମାଣର ରାଜସ୍ୱ ହାନି ହେବା ସହ ବାଲି ଚୋରା ଚାଲାଣ ପଛରେ ବିଭାଗୀୟ କର୍ମଚାରୀଙ୍କ ହାତ ଥିବା ନେଇ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ବାଲି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ୱତନ୍ତ୍ର ନିୟମ ରହିଥିବା ବେଳେ ବୌଦ୍ଧ ତହସିଲ ଅଧୀନରେ ଥିବା ମହାନଦୀ ଘାଟରୁ ପ୍ରଶାସନ ଜ୍ଞାତସାରରେ ଦୀର୍ଘ ବର୍ଷ ହେଲା ବେଧଡକ ଦିନରାତି ବାଲି ଚାଲାଣ କରାଯାଉଛି। ବାଲି ମାଫିଆମାନେ ନଦୀ ପଠାରେ ଶହ ଶହ ଟ୍ରାକ୍ଟର, ଭାରି ଯାନରେ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଚାଲାଣ କରୁଛନ୍ତି। ବାଲି ମାଫିଆଙ୍କ ଏଭଳି ବେଆଇନ ବାଲି ଚାଲାଣ ବର୍ଷ ବର୍ଷ ଧରି ଚାଲିଆସୁଥିଲେ ମଧ୍ୟ ଖଣି ବିଭାଗ ସହ ତହସିଲ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ପାଲଟିଛନ୍ତି। ଟ୍ରାକ୍ଟର ଗୁଡିକରେ ଆବଶ୍ୟକତା ଠାରୁ ଅଧିକ ମାତ୍ରାରେ ବାଲି ଲୋଡିଙ୍ଗ କରି ପଞ୍ଚାୟତ ରାସ୍ତା ଦେଇ ଯାତାୟାତ କରିବା ଦ୍ୱାରା ରାସ୍ତା ନଷ୍ଟ ହେଉଛି। ବାଲି ନେବା ବେଳେ କୌଣସି ଘୋଡଣି ଦେଉନଥିବାରୁ ରାସ୍ତା ଘାଟରେ

**ପ୍ରଶାସନ ନିରବଦ୍ରଷ୍ଟା**

ଗୁଣ୍ଡ ଉଡିବା ସହ ବାଲି ପଡୁଛି। ବାଲି ଉଡିବା ଦ୍ୱାରା ସାଧାରଣ ଦୁଇ ଚକିଆ ଚାଳକ ଓ ପଥଚାରୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମୟ ସମୟରେ ଏହାଦ୍ୱାରା ଦୁର୍ଘଟଣା ମଧ୍ୟ ଘଟୁଛି। ସାଧାରଣ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିମ୍ବା ବିଜୁ ପକ୍କାଘର ଘର ତିଆରି କରିବାକୁ ବାଲି ପାଇଁ ଚଢ଼ା ଦରରେ କିଣୁଥିବା ଅଭିଯୋଗ କରିଛନ୍ତି। ଦୀର୍ଘଦିନ ହେଲା ଟେଣ୍ଡର କରାଯାଉ ନ ଥିବାରୁ ମାଫିଆଙ୍କ ପାଇଁ ସହଜ ହୋଇଛି ବାଲି ଚୋରାଚାଲାଣ। ସେହିପରି ଯେଉଁ ସବୁ ଖାଦାନରେ ଲିଜ ଦିଆଯାଇଛି, ଲିଜ ସୀମା ବାହାରୁ ବାଲି ଉଠାଣ ହେଉଥିବା ବେଳେ ସେଠାରେ ମଧ୍ୟ ବିନା ରସିଦରେ ବାଲି ନେଉଥିବା ଅଭିଯୋଗ ହୋଇଛି। ଯେଉଁମାନେ ଥରେ ରସିଦ କାଟିଦେଲେ ସେମାନେ ଦିନସାରା ବାଲି ଚୋରାରେ ନେଉଛନ୍ତି। ଯାହାର ରାଜସ୍ୱ ଆୟ ସରକାରୀ ତହବିଲକୁ ଆସୁନାହିଁ ଓ ରାଜସ୍ୱ ହାନି ହେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ଏ ସମ୍ପର୍କରେ ବୌଦ୍ଧ ତହସିଲଦାରଙ୍କୁ ପଚାରିବାରୁ ବାଲି ଚୋରା ଚାଲାଣ କଥାକୁ ସ୍ୱୀକାର କରିବା ସହ କିଛି ଟେଣ୍ଡର ହୋଇଛି ଆଉ କିଛି ବାକି ଅଛି ବୋଲି କହିଛନ୍ତି। ଚଢ଼ଉ କରାଯାଇ ବାଲି ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ମନ୍ଦିରକୁ ୱାଟର କୁଲର ପ୍ରଦାନ




ମନମୁଣ୍ଡା,୨୩।୨(ସମିସ): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି ) ମିଳିତ ସାମାଜିକ କର୍ତ୍ତବ୍ୟ (ସିଏସଆର) କାର୍ଯ୍ୟକ୍ରମ ମାଧ୍ୟମରେ ମନମୁଣ୍ଡା ନିକଟସ୍ଥ ପ୍ରସିଦ୍ଧ ରାମେଶ୍ୱର ମନ୍ଦିରକୁ ୨ଟି ୱାଟର କୁଲର ପ୍ରଦାନ କରିଛି।

ମହାନଦୀ - ତେଲନଦୀ (ତ୍ରିବେଣୀ ) ସଙ୍ଗମରେ ସ୍ଥାପିତ ଏହି ମନ୍ଦିରକୁ ପ୍ରତ୍ୟେକ ଦିନ ଶତାଧିକ ଭକ୍ତ ପ୍ରଭୁ ମହାଦେବଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ତରଫରୁ ଏହି ୱାଟର କୁଲର ପ୍ରଦାନ କରାଯାଇଛି। ସମ୍ବଲପୁର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ଦିରର ପୂଜକ ଓ କମିଟି ସଦସ୍ୟଙ୍କୁ ୨ ୱାଟର କୁଲର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ପିଏନ୍‌ବି ସୋନପୁର ଶାଖା ମ୍ୟାନେଜର ଶ୍ୟାମ ସୁନ୍ଦର ମହାଲିଙ୍ଗ, ଉଫୁଲା ମ୍ୟାନେଜର ପ୍ରିତମ ସାହୁ, ବିନିକା ମ୍ୟାନେଜର ସୁବାଷିନୀ ଖମାରୀ, ବ୍ୟାଙ୍କ୍ ଅଫିସର ଆମ କୁମାର ଜୈୱାଲ, ନନି ଗୋପାଳ ପାତ୍ରଙ୍କ ସମେତ ଭକ୍ତ ଓ ପର୍ଯ୍ୟଟକ ଉପସ୍ଥିତ ଥିଲେ।

## ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବିନିକା,୨୩।୨(ସମିସ): ଫୁଲମୁଠି ଗ୍ରାମରେ ମା’ ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଗ୍ରାମବାସୀ ଘର ସମ୍ମୁଖରେ କଳସ ସ୍ଥାପନ ସହ ଦୀପ ପ୍ରଜ୍ୱଳନ କରି ପ୍ରତିଷ୍ଠା ଉତ୍ସବକୁ ପାଳନ କରୁଛନ୍ତି। ଆଜି ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଦ୍ୱିତୀୟ ଦିନରେ ଚବିଶ ପ୍ରହରୀ ନାମ ଯଜ୍ଞ ଆରମ୍ଭ ହୋଇଛି। ଅପରାହ୍ନରେ ନିକଟ ଉରଲେ ଗ୍ରାମବାସୀ ସଂକୀର୍ତ୍ତନର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ମା’ଙ୍କ ପାଇଁ ମଉଳା ଭାର ଆଣି ସମର୍ପି ଥିଲେ। ପୀଠରେ ପୂଜକ, ଦେହେରୀଙ୍କ ତତ୍ତ୍ୱାବଧାନରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଜମିଥିଲା। ଅନ୍ୟପକ୍ଷରେ ଭକ୍ତଙ୍କ ମନୋରଞ୍ଜନ ସକାଶେ ଦୁଃଖୀ ଶ୍ୟାମ ତ୍ରିପାଠୀ ଓ ଶିବାନନ୍ଦ ତ୍ରିପାଠୀଙ୍କ ଦ୍ୱାରା ଭଜନ ପରିବେଷଣ ଏବଂ ରମାକାନ୍ତ ପଣ୍ଡାଙ୍କ ତରଫରୁ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା।



## କାଶୀନାଥ ମହାବିଦ୍ୟାଳୟରେ ପୁସ୍ତକ ବଣ୍ଟନ

ଡୁଙ୍ଗୁରିପାଲି,୨୩।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ପହଣ୍ଡି ସ୍ଥିତ କାଶୀନାଥ ଯୁକ୍ତ ଦୁଇ ମହାବିଦ୍ୟାଳୟଠାରେ ଦୂର ଓ ନିରନ୍ତର ଶିକ୍ଷା ଆନୁକୂଲ୍ୟରେ ପୁସ୍ତକ ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏ ସକାଶେ ଆୟୋଜିତ ଏକ ସଭାରେ ମହାବିଦ୍ୟାଳୟ ଅଧକ୍ଷା ଚନ୍ଦ୍ରମା ବିଶ୍ୱାଳ ଅଧକ୍ଷତା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ପାଣ୍ଡିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘ ସଭାପତି ପଦ୍ମବାଗ୍ ଯାଦବ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରାଣବନ୍ଧୁ ହୋତା ଏବଂ ପରିଚାଳନା କମିଟି ସମ୍ପାଦକ ନେହେରୁଲାଲ ସା ଅନ୍ୟତମ ଅତିଥି ଆସନରେ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ଅର୍ଥଶାସ୍ତ୍ର ଅଧାପକ ଆକାଶ କୁମାର ତରିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭାନେତ୍ରୀ ତଥା ଅଧକ୍ଷା ସୁଶ୍ରୀ ବିଶ୍ୱାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା। ହିନ୍ଦି ଅଧାପିକା ଡିଲେଶ୍ୱରୀ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।



● କଣ୍ଠୁରବନ୍ଧରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

## ୪୫ ମାମଲା ପଞ୍ଜିକୃତ, ୧୧ର ତ୍ୱରିତ ସମାଧାନ

ଶଗଡା,୨୩।୨(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ କଣ୍ଠୁରବନ୍ଧ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଏସପି ରାହୁଲ ଗୋୟଲ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ରହି ଆସିଥିବା ଅଭିଯୋଗ ଶୁଣାଣି କରିଥିଲେ। ଏହି ଶିବିରରେ ସମୁଦାୟ ୪୫ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୩୮ଗୋଟି ବ୍ୟକ୍ତିଗତ ଓ ୮ଟି ସାମୁହିକ ମାମଲା ଥିଲା। ୧୧ଟି ମାମଲାର ତ୍ୱରିତ ସମାଧାନ କରାଯାଇଥିଲା। ଜନଶୁଣାଣିକୁ ଆସୁଥିବା ଜନ ସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ଜନଶୁଣାଣି ପରେ ଜିଲ୍ଲାପାଳ ସମସ୍ତ ବ୍ଲକସ୍ତରୀୟ, ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଅଭିଯୋଗ ଗୁଡିକର ତୁରନ୍ତ ଫଇସଲା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆର୍ଥିକ ବର୍ଷ ଶେଷ ହେବାକୁ ଥିବା ବେଳେ ତୁରନ୍ତ ଅଧା ହୋଇ ପଡିରହିଥିବା ଏବଂ ଅସମ୍ପୂର୍ଣ୍ଣ ପ୍ରକଳ୍ପ କାମ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜନ ଶୁଣାଣି ସ୍ଥାନରେ ବିଭିନ୍ନ ଯୋଜନା ର ହୋର୍ଡିଂ, ଫ୍ଲେକ୍ସ, ବ୍ୟାନର ଆଦି ଲଗାଇବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ତଥା ଜିଲ୍ଲା ଜରୁରୀକାଳିନ ଅଧିକାରୀ ଜ୍ୟୋତି ରଞ୍ଜନ ଭୁଏ, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବୌଦ୍ଧ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ପ୍ରଭାସ ଚନ୍ଦ୍ର ଦଣ୍ଡସନା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସମସ୍ତ ଅଧିକାରୀ ଅନୁପାଳନ କରିବାକୁ ମତବ୍ୟକ୍ତ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। କସୁରବନ୍ଧ ସରପଞ୍ଚ ସରୋଜ କର୍ଣ୍ଣ ଉପସ୍ଥିତ ରହି ସହଯୋଗ କରିଥିଲେ।




## କର୍ଲାଯୋରି ପଞ୍ଚାୟତରେ ଅଭିଯୋଗ ଶୁଣାଣି

ଡୁଙ୍ଗୁରିପାଲି,୨୩।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅନ୍ତର୍ଗତ କର୍ଲାଯୋରୀ ପଞ୍ଚଯାତ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ନାରାୟଣ ନାୟକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୧୬ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୯୮ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୮ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ଦୁଇଜଣଙ୍କ ଦରଖାସ୍ତର ଫାଇସଲା କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ସାହୁଙ୍କ ସମେତ ତହସିଲଦାର ବିମଳ କିଶୋର ପତ୍ର, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସରପଞ୍ଚ ସୁଜାତା ସେଠୀ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଦୁଇ ଜଣ ଭିନ୍ନକ୍ଷମ ବୃଦ୍ଧା ମହୁଲପାଲି ଗ୍ରାମର ଭାରତୀ ରାଉତ ଓ ଗଜମାଳ ଗ୍ରାମର ରଏବାରି ସାହୁଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଥିଲେ। କର୍ଲକୋରି ଗ୍ରାମ ପଞ୍ଚାୟତର ନୂତନ ପାଠାଗାରର ଉଦ୍‌ଘାଟନ କରିଥିଲେ।



## ବୃତ୍ତି ପରୀକ୍ଷାରେ ୨ କୃତୀ ଛାତ୍ର ସମ୍ବର୍ଦ୍ଧିତ



ବୌଦ୍ଧ,୨୩।୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରାଧାନଗର କ୍ଲଷ୍ଟର କେଳାକଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମେଧାବୃତ୍ତିରେ କୃତିତ୍ୱ ଅର୍ଜନ କରିଥିବା ଦୁଇ ଛାତ୍ର ତୃତୀୟ ଶ୍ରେଣୀର ସୂର୍ଯ୍ୟନାରାୟଣ ପ୍ରଧାନ ଓ ପଞ୍ଚମ ଶ୍ରେଣୀର ସୌମ୍ୟରଞ୍ଜନ ପ୍ରଧାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀଣ କୁମାର ବାରିକଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଫ୍ଲାଇଂ ସ୍କ୍ୱାଡ୍ ଓ ସ୍ୱେଶାଲ ସ୍କ୍ୱାଡ୍‌ର ମାଟ୍ରିକ ପରୀକ୍ଷା କେନ୍ଦ୍ର ପରିଦର୍ଶନ

ବୌଦ୍ଧ,୨୩।୨(ସମିସ): ଜିଲ୍ଲାରେ ଚାଲିଥିବା ମାଟ୍ରିକ୍ ପରୀକ୍ଷାରେ ତୃତୀୟ ମାତୃଭାଷା ପରୀକ୍ଷା ଥିବା ବେଳେ ଫ୍ଲାଇଂ ସ୍କ୍ୱାର୍ଡ ଓ ସ୍ୱେଶାଲ ସ୍କ୍ୱାର୍ଡ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ବାଉଁ ଶୁଣୀ, ଗୋଛାପଦା, ବାଦୀ କଟା, ଦହ୍ୟା ଆଦି ହାଇସ୍କୁଲରେ ହୋଇଥିବା ପରୀକ୍ଷା କେନ୍ଦ୍ର ଫ୍ଲାଇଂ ସ୍କ୍ୱାର୍ଡ ପରିଦର୍ଶନ କରିଛନ୍ତି। ସେହିପରି ସ୍ୱେଶାଲ ସ୍କ୍ୱାର୍ଡ ଗବଜୋର୍, ପଲସା ଗୋରା, ଖଟ ଖଟିଆ, ବିଳାସ ପୁର, ଶୁଣ୍ଠୀପଦର ଆଦି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି।

## ଓଡିଶା ପାଠ୍ୟକ୍ରମର ରୂପରେଖ ଓ ପ୍ରବୋଧନ ତାଲିମ୍

ବୌଦ୍ଧ,୨୩।୨(ସମିସ): ବୌଦ୍ଧ ବ୍ଲକ ଟୁଟୁ ସିଙ୍ଗା ହାଇସ୍କୁଲଠାରେ ବିଭିନ୍ନ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଓଡିଶା ପାଠ୍ୟକ୍ରମର ରୂପରେଖ-୨୦୨୫ ଓ ପ୍ରବୋଧନର ୫ ଦିନିଆ କାର୍ଯ୍ୟକ୍ରମର ତୃତୀୟ ଦିନର ତାଲିମ ଅନୁଷ୍ଠିତ ହୋଇଯାଇଛି। ଆଜି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ବିଶ୍ୱାଳ ତାଲିମ କାର୍ଯ୍ୟକ୍ରମକୁ ପରିଦର୍ଶନ କରିଥିଲେ। ସାଧନ କର୍ମୀ ଭାବରେ ଶିକ୍ଷକ ଗୋପାଳ ଅମାତ୍, ଗିରିଶ ଚନ୍ଦ୍ର ମହାକୁଲ, ବିଷ୍ଣୁ ପ୍ରସାଦ ତ୍ରିପାଠୀ, ଜ୍ୟୋତିଷ ମେହେର ତାଲିମ ଦେଇଥିଲେ।

## ଫୁଲ ଫଳ ଚାରା ପ୍ରଶିକ୍ଷଣ ଶିବିର




ବିନିକା,୨୩।୨(ସମିସ): ବିନିକା ବ୍ଲକ ବିଶାଳପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଇକୋ କ୍ଲବ ସହଯୋଗରେ ଫୁଲ ଫଳ ଚାରା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିନିକା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେମ ସାଗର କାଲସେ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଶିକ୍ଷକ ଭାବେ ପରିବେଶବିତ୍ ତଥା ଶିକ୍ଷକ ମାନଭଞ୍ଜନ ବାଘ, ଫରେଷ୍ଟର ବନମାଳୀ ପାଣ୍ଡେ ଯୋଗଦେଇ ଅଞ୍ଚଳର ଚାଷୀମାନେ କିପରି ଫୁଲ ଫଳ ଚାରାକୁ ଗୁରୁତ୍ୱ ଦେବେ ଏବଂ ରୋଜଗାର କରି ଆର୍ଥିକ ସ୍ଥିତିରେ ଉନ୍ନତି ଆଣିପାରିବେ ସେ ଦିଗରେ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ଇକୋ କ୍ଲବ ଇନଚାର୍ଜ ସୂର୍ଯ୍ୟନ୍ତ ସାହୁ ସଭାକୁ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ବିଭୂତି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ମହୁମାଛି ଆକ୍ରମଣରେ ୪ ଗୁରୁତର

ବୌଦ୍ଧ,୨୩।୨(ସମିସ): ବୌଦ୍ଧ ବ୍ଲକ ତାଳସରଡ଼ା ପଞ୍ଚାୟତ ମାନେଶ୍ୱର ଗ୍ରାମ ନିକଟରେ ମହୁମାଛି ଆକ୍ରମଣରେ ୪ ଜଣ ଗୁରୁତର ହୋଇଛନ୍ତି। ବହିରା ଗ୍ରାମର କାହ୍ନା ଉର୍ମା, ଶ୍ରବଣ ବାଦି, ତ୍ରିଲୋଚନ ଜଗଦଲା ଓ ତାଳପଡା ଗ୍ରାମର ନିଗମ୍ ଉର୍ମା କୌଣସି କାର୍ଯ୍ୟରେ ମାନେଶ୍ୱର ଗ୍ରାମକୁ ଯାଇଥିବା ବେଳେ ପାଣି ଟାଙ୍କି ନିକଟରେ ମହୁମାଛି ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବାଉଁଶୁଣି ମେଡିକାଲରେ ଭର୍ତ୍ତି କରିଥିଲେ।

## ଦୋଳ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ

ବୀରମହାରାଜପୁର,୨୩।୨(ସମିସ): ସ୍ଥାନୀୟ ବୀରମହାରାଜପୁର ବ୍ଲକ୍ ସଭାଗୃହଠାରେ ବୀରମହାରାଜପୁର



ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଦୋଳ ପୂର୍ଣ୍ଣିମା ଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୩ ତାରିଖରେ ଥିବା ଦୋଳ ପୂର୍ଣ୍ଣିମା ପାଇଁ ବ୍ଲକ୍ ସଭାଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଦେବ ବରଣ, ହରିହର ଭେଟର ସମୟ ଏବଂ ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଦେବୋତ୍ତର ଅଧିକାରୀ ଅଜିତ ମିର୍ଧା, ବୀରମହାରାଜପୁର ଉପଖଣ୍ଡ ଥାନା ଅଧିକାରୀହେମନ୍ତ ରାଓ, ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, ଚମ୍ପେଶ୍ୱର ଦୋଳ ପୂର୍ଣ୍ଣିମା ଯାତ୍ରାର ସଭାପତି କିଶୋର ହୋତା, ରାମକୃଷ୍ଣ ହୋତା, ଦାମୋଦର ହୋତା, ପୀତବାସ ଶତପଥୀ, ପ୍ରଭାସ ଦାସ, ଅକ୍ଷୟ ମିଶ୍ରଙ୍କ ସମେତ ବିଭିନ୍ନ ମନ୍ଦିର କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଦୋଳ ପୂର୍ଣ୍ଣିମା ଯାତ୍ରାକୁ ସୁରକ୍ଷିତ ଏବଂ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ମେଳଣ ପଡିଆକୁ ଆହୁରି ସମ୍ପ୍ରସାରଣ କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି। ଚନ୍ଦ୍ର ଗ୍ରହଣ ଥିବାରୁ ଗୋଟେ ଦିନ ଆଗରୁ ଦେବ ବରଣ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ହରିହର ମିଳନ ସକାଳ ୫.୩୦ରେ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଦର୍ଶକଙ୍କ ସଂଖ୍ୟାକୁ ଆଖିଆଗରେ ରଖି ଓ ଅଘଟଣକୁ ଏଡାଇବା ପାଇର୍ କର୍ଡନ ରଖାଯିବ। ଏହି କର୍ଡନ ଭିତରେ ୬ଟି ପୂଜା କମିଟିର ୩୦ ଜଣ ଲେଖାଏଁ ସଦସ୍ୟ ଏବଂ ପୂଜକ ଓ ଚମ୍ପେଶ୍ୱର ପୂଜା କମିଟିର ୭୦ ଜଣଙ୍କୁ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମେଳଣ ପଡିଆ ଭିତରେ ବାଣ ଫଟାଇବାକୁ ଉପଜିଲ୍ଲାପାଳ ଶ୍ରୀ ମେହେର କଡାକଡି ଭାବରେ ମନା କରିଛନ୍ତି। ଯାତ୍ରାରେ ପାନୀୟ ଜଳର ବ୍ୟବସ୍ଥା, ମେଳଣ ପଡିଆକୁ ଯାଇଥିବା ରାସ୍ତାର ଆଲୋକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରର ବ୍ୟବସ୍ଥା ଏବଂ ମେଳଣ ପଡିଆକୁ କିପରି ସଫାସୁତରା ରଖାଯାଇପାରିବ, ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଉପଜିଲ୍ଲାପାଳ କହିଛନ୍ତି।

ଶେଷରେ ଉପଜିଲ୍ଲାପାଳ ଏବଂ ଉପସ୍ଥିତ ଅଧିକାରୀମାନେ ମେଳଣ ପଡିଆ ପରିଦର୍ଶନ କରିଛନ୍ତି। କମିଟି ସଦସ୍ୟଙ୍କ ସହଯୋଗରେ ଆଗାମୀ ଦିନରେ ଉଠା ଦୋକାନୀମାନଙ୍କୁ ମେଳଣ ପଡ଼ିଆ ରେ ମଇଳା ନ ପକାଇବାକୁ ତାଗିଦ କରାଯିବା ଏବଂ ମଇଳା ପକେଇଲେ ଫାଇନ ହେବ ବୋଲି ଶ୍ରୀ ମେହେର ସୁଚନା ଦେଇଛନ୍ତି।

# ବେଆଇନ ଭାବେ ଗଢ଼ା ଚାଲିଛି ଇଟା ଭାଟି

କନ୍ଧମାଳ,୨୩।୨(ସମିସ)



ବୌଦ୍ଧ ଜିଲ୍ଲା କଣ୍ଟାମାଲ ତହସିଲ ଅଞ୍ଚଳରେ ବେଆଇନ ଭାବେ ଇଟାଭାଟି ଗଢ଼ାଚାଲିଥିବା ବେଳେ ତାହାର ଧୂଆଁ ଓ ଉତ୍ତାପ ଏବେ ଆଖପାଖର ଜନଜୀବନକୁ ଅସ୍ତବ୍ୟସ୍ତ ହୋଇପଡିଥିବା ଅଭିଯୋଗ ହୋଇଛି। ଏବେ ଗ୍ରୀଷ୍ମର ପ୍ରକୋପ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ମାଟି ଇଟା ପୋଡିବା ନିଷେଧ ଥିବା ବେଳେ ତହସିଲ ଓ ରାଜସ୍ୱ ନିରୀକ୍ଷକଙ୍କ ଜ୍ଞାତସାରରେ ସ୍ପଷ୍ଟ ଦିବାଲୋକରେ ଇଟାଭାଟି ପୋଡାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜନବସତି ସ୍ଥାନରେ ଇଟା ଭାଟିରେ ଇଟା ପୋଡାଯାଉଥିବାରୁ ତାହାର ଉତ୍ତାପ ଓ ଧୂଆଁରେ ଲୋକମାନେ ଅସ୍ତବ୍ୟସ୍ତ ହେଉଛନ୍ତି। ଏହି ତହସିଲ ଅଧୀନରେ ଥିବା ୮ ଟି ରାଜସ୍ୱ ସର୍କଲର ବିଭିନ୍ନ ରାଜସ୍ୱ ଗ୍ରାମରେ ବେଆଇନ ଭାବରେ ଇଟା ଭାଟି କରି ଇଟା ପୋଡି ବ୍ୟବସାୟ ଚଳାଇଥିବା ଜଣାଯାଇଛି। କଣ୍ଟାମାଲ ରାଜସ୍ୱ ସର୍କଲ ଅଧୀନରେ ଥିବା କଣ୍ଟାମାଲ, ଖଲିଆପାଲି, ରେଙ୍ଗାଲି ଆଦି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବେଆଇନ ଭାବେ ଇଟା ପୋଡା ଚାଲିଥିବା ନଜରକୁ ଆସିଛି। ଏହା ଛଡା ମନମୁଣ୍ଡା ରାଜସ୍ୱ ସର୍କଲ ଅଧିନସ୍ଥ ଘିକୁଣ୍ଡି ପଞ୍ଚାୟତର ପ୍ରାୟ ସମସ୍ତ ଗ୍ରାମ ନିକଟରେ ଜନବସତି ମଧ୍ୟରେ ଇଟା ଭାଟି ଗଢ଼ାଯାଇ ଲକ୍ଷାଧିକ ଇଟା ପୋଡାଯାଉଛି। ଦପଲା ରାଜସ୍ୱ ସର୍କଲର ବିଭିନ୍ନ ଗ୍ରାମାଞ୍ଚଳରେ ମଧ୍ୟ ଇଟା ଭାଟିରେ ଇଟା ପୋଡା ଯାଉଥିବା ଦେଖାଯାଉଛି। ମାଫିଆମାନେ ସମସ୍ତ ସରକାରୀ ଗୋଚର ଜମି, ଗ୍ରାମ୍ୟ ଜଙ୍ଗଲ ତଥା ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଶହଶହ ଟ୍ରିପ ମାଟି ଉଠାଇ ନେଇ ଇଟା ଗଢୁଥିଲେ ମଧ୍ୟ ତହସିଲ କର୍ମଚାରୀମାନେ ସବୁ ଜାଣି ନ ଜାଣିଲା ଭଳି ରହୁଥିବା ସ୍ଥାନୀୟବାସୀନ୍ଦା ଅଭିଯୋଗ କରିଛନ୍ତି। ଏପରିକି ଇଟା ଭାଟିରେ ଇଟା ପୋଡିବା ପାଇଁ ଜଙ୍ଗଲରୁ ବଶହ ଶହ ଗଛ କାଟି ଆଣୁଛନ୍ତି। ରାଜ୍ୟ ସରକାର ୨୦୧୪ ମସିହାରୁ ମାଟିରେ ଇଟା ପକାଇ ଭାଟି ପୋଡ଼ିବାକୁ ସମ୍ପୂର୍ଣ୍ଣ ବନ୍ଦ କରିଥିବାବେଳେ ଏହି ତହସିଲ ଅଞ୍ଚଳରେ ଡିସେମ୍ବର ମାସ ଠାରୁ ସରକାରୀ ନିୟମକୁ ଉଲଂଘନ କରାଯାଇ ମାଫିଆ ରାଜସ୍ୱ ନିରକ୍ଷକ ଓ ତହସିଲ କାର୍ଯ୍ୟାଳୟ ମଧ୍ୟରେ କିଛି ଅଧାସୁ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ବ୍ୟାପକ ଇଟାଭାଟି କରି ଇଟା ପୋଡୁଥିବା ଅଭିଯୋଗ ହୋଇଛି। ଇଟାଭାଟି ନ ପୋଡିବା ପାଇଁ ଲୋକମାନେ ବାରଣ କରୁଥିଲେ ମଧ୍ୟ ଇଟା ମାଫିଆମାନେ ସାଧାରଣ ଲୋକମାନଙ୍କୁ ଧମକ ଚମକ

**ଧୂଆଁ ଓ ଉତ୍ତାପରେ ଜନଜୀବନ ଅସ୍ତବ୍ୟସ୍ତ**

ଦେଇ ତାଙ୍କ ବ୍ୟବସାୟ ବଢ଼ାଇ ଚାଲିଛନ୍ତି। ଏ ସଂକ୍ରାନ୍ତରେ ରାଜସ୍ୱ ନିରକ୍ଷକମାନେ କିମ୍ବା ତହସିଲଦାର ଇଟା ପକାଉ ଥିବା ସ୍ଥାନକୁ ପରିଦର୍ଶନରେ ଯିବା ତ ଦୂରର କଥା ଅଭିଯୋଗ ହେଲେ ଚୁପଚାପ ରହୁଥିବା ନେଇ ସାଧାରଣ ପ୍ରଶ୍ନ ଉଠିଛି। ବେଆଇନ ଭାବେ ଇଟା ପକାଉଥିବା ବ୍ୟକ୍ତିକୁ ଚିହ୍ନଟ କରି ସେମାନଙ୍କ ଉପରେ ଜରିମାନା ଆଦାୟ ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ରାଜସ୍ୱ ନିରକ୍ଷକମାନେ ଲକ୍ଷ ଲକ୍ଷ ଇଟା ପକାଉଥିବା ବ୍ୟବସାୟୀଙ୍କ ଠାରୁ ଖୁବ କମ ପରିମାଣରେ ବେଆଇନ ଇଟା ପକା ପାଇଁ ଜୋରିମାନା ଅଦାୟ କରୁଥିବା ଶୁଣିବାକୁ ମିଳୁଛି। ଏଥିପ୍ରତି ବୌଦ୍ଧ ଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ ବେଆଇନ ଇଟା ଭାଟି ପୋଡାକୁ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଭେଡେନରେ ଯୁଗ୍ମଅଭିଯୋଗ ଶୁଣାଣି




ଭେଡେନ, ୨୩।୨(ସମିସ): ଭେଡେନ ବ୍ଲକ ଅଫିସ ସମ୍ମିଳନୀ କକ୍ଷରେ ବରଗଡ଼ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ବ୍ଲକର ବିଭିନ୍ନ ଗାଁରୁ ୧୩ଟି ସାମୂହିକ ଓ ୨୩୧ଟି ବ୍ୟକ୍ତିଗତ ମୋଟ ୨୪୪ଟି ଅଭିଯୋଗ ଗୁଡିକର ଜନଶୁଣାଣି କରି ସମସ୍ୟାର ଅତିଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ସହିତ ସିଡିଓ ଲଲାଟ ଲୁହା, ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ବରଗଡ଼ ଏସପି ପ୍ରହ୍ଲାଦ ଏସ ମିନା, ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ସିଡିଏମଓ ଡାକୁବେର ଚନ୍ଦ୍ର ମହନ୍ତଙ୍କ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, କୃଷି, ଜଙ୍ଗଲ, ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ, ଅବକାରୀ ବିଭାଗ, ପଶୁ ଉନ୍ନୟନ ଆଦି ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହାସହ ବରଗଡ଼ ଜିଲ୍ଲା ସାମଜିକ ସୁରକ୍ଷା ଅଧିକାରୀ ତାହୀର ହୁସେନ, ଭେଡେନ ବିଡିଓ କର୍ଣ୍ଣ ସୁନା, ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁ, ବିଏସଏସଓ ଚକ୍ରପାଣି ଦାଶଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଅନୁଷ୍ଠିତ ଜନଶୁଣାଣିରେ ସାମୂହିକ ସମସ୍ୟା ସମେତ, ଜଳ ଯୋଗଣ, ଉଠା ଜଳ ସେଚନ, ରାସନ କାର୍ଡ, ରାସ୍ତା ନିର୍ମାଣ, ଭତ୍ତା ସମ୍ବନ୍ଧରେ ଶୁଣାଣି ହୋଇଥିଲା।

## ଠିକାଦାର ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ବାହାର ଠିକାଦାରଙ୍କୁ ବିରୋଧ

ପଦ୍ମପୁର, ୨୩।୨(ସମିସ)



ପଦ୍ମପୁର ସ୍ଥିତ ଡାକବଙ୍ଗଳାରେ ବୋଡାସମ୍ବର ଠିକାଦାର ସଂଘର ବରିଷ୍ଠ ତଥା କାର୍ଯ୍ୟକାରୀ କମିଟିର ସଦସ୍ୟ ମାନଙ୍କୁ ନେଇ ବୈଠକ ସଂଘର ଉପସଭାପତି ଦିନେଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୋଡାସମ୍ବର ଠିକାଦାର ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ଗତ ୨୦ ତାରିଖରେ ହୋଇଥିବା ଓଡ଼ିଶା ମିଳିତ ଠିକାଦାର ମହାସଂଘର ଆନ୍ଦୋଳନର ଦାବିକୁ ସଂଘ ପୂର୍ଣ୍ଣମାତ୍ରାରେ ସମର୍ଥନ କରୁଛି ବୋଲି ଦର୍ଶାଇଥିଲେ। ସମସ୍ତେ ସ୍ୱାର୍ଥର ଉର୍ଦ୍ଧ୍ୱରେ ସଂଗଠିତ ହୋଇ ନିର୍ମାଣ ଦିଗରେ କାମ କରିଲେ ଓଡ଼ିଶାର ବିକାଶରେ ସହାୟକ ହୋଇପାରିବା ବୋଲି ମତ ପ୍ରକାଶ ପାଇଥିଲା। ବର୍ତ୍ତମାନ ପରିସ୍ଥିତିରେ ସଂଘର ପଦ୍ମପୁର, ପାଇକମାଲ ଓ ଝାରବନ୍ଧ ଅଞ୍ଚଳର ଠିକାଦାରମାନେ ନିଜ ମଧ୍ୟରେ ସମନ୍ୱୟ ରଖି ଉନ୍ନତ ମାନର କାମ କରିବାକୁ ଅନୁରୋଧ କରିଛନ୍ତି। ସଂଘର ସମ୍ପାଦକ ଧରମ ପାଢ଼ୀ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ଜାରି ହୋଇଥିବା ଜାନୁଆରୀ ୩ର ସର୍କୁଲାର ରଦ୍ଦ କରିବାକୁ ସମସ୍ତ ଠିକାଦାର ଆହ୍ୱାନ ଦେଇଥିଲେ। ନୂତନ ସର୍କୁଲାର ଅନୁଯାୟୀ ଠିକାଦାର ମାନେ ୪୦/୫୦ ପ୍ରତିଶତ କମ ଦରରେ କାମ ହାତେଇବା ପାଇଁ ଚେଷ୍ଟାରୁ ବିରତ ରୁହନ୍ତୁ ଏବଂ ବିଭାଗୀୟ ଟେଣ୍ଡର ଚୂଡାନ୍ତ ଅଧିକାରୀ ଗଣ ଏହିଭଳି କମ ଦରରେ ଟେଣ୍ଡର ଗୁଡିକୁ ମଞ୍ଜୁରୀ ଦିଅନ୍ତୁ

### ସରକାରଙ୍କ ବିଜ୍ଞପ୍ତିକୁ ରଦ୍ଦ ଦାବି

ନାହିଁ ବୋଲି ନିବେଦନ କରିଛନ୍ତି। ଯଦି ନିର୍ମାଣ ବିଭାଗର ସରକାରୀ କର୍ତ୍ତୃପକ୍ଷ ୪୦/୫୦ ପ୍ରତିଶତ କାଟିଥିବା ଠିକାଦାର ମାନଙ୍କୁ କାମ କରିବାକୁ ମଞ୍ଜୁରୀ ଦେବେ, ତା ହେଲେ ଆମ ଅଞ୍ଚଳର ଗୁଣାତ୍ମକ କାମଗୁଡିକ ନିଶ୍ଚିତ ଭାବେ ନିମ୍ନ ମାନର ହେବ ବୋଲି ସମ୍ପାଦକ ଧରମ ପାଢ଼ୀ ଆଶଙ୍କା ପ୍ରକାଶ କରିଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ପଡୋଶୀ ଜିଲ୍ଲାର ସଂଗଠନର ନୀତିକୁ ଅବଲମ୍ବନ କରି ଆମେ ମଧ୍ୟ ଆମ ନିର୍ବାଚନ ମଣ୍ଡଳୀର ସଂଘର ଠିକାଦାର ମାନଙ୍କ ଭିତରେ ଏକତା ଏବଂ ସମନ୍ୱୟ ରଖିବାକୁ ସେ ଦୋହାରାଇ ଥିଲେ। ଆମ ଠିକାଦାର ମାନେ ବାହାର ଅଞ୍ଚଳରେ ଟେଣ୍ଡର ନ ପକାଇବାକୁ ଏବଂ ଅନ୍ୟ ଅଞ୍ଚଳର ଠିକାଦାର ଆମ ନିର୍ବାଚନ ମଣ୍ଡଳୀ ତଥା ଏନ୍ଏସି ଟେଣ୍ଡରରେ ଭାଗ ନନେବାକୁ ଉପସ୍ଥିତ ଠିକାଦାର ମାନଙ୍କ ତରଫରୁ ସମ୍ପାଦକ ଧରମ ପାଢ଼ୀ ଅନୁରୋଧ କରିଛନ୍ତି। ସର୍ବସମ୍ମତି କ୍ରମେ ଆଗାମୀ ଟେଣ୍ଡର ଗୁଡିକ ନିଜ ଭିତରେ ପ୍ରତିଯୋଗିତା ନକରି ସର୍ବନିମ୍ନ ପ୍ରତିଶତ ଦରରେ ଟେଣ୍ଡର ପକାଇ ଗୁଣାତ୍ମକ କାମ କରି ଲାଭବାନ ହୋଇପାରିବା ବୋଲି ନିଷ୍ପତ୍ତି ହୋଇଥିଲା। ବୋଡାସମ୍ବର ଠିକାଦାର ସଂଘର ଆଗାମୀ ସାଧାରଣ ବୈଠକ ଆଗାମୀ ମାସରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି। ସମ୍ମିଳନୀରେ ସଂଘର ଉପସଭାପତି ଶୁଶାନ୍ତ ନାଗ, କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ, ନନ୍ଦ କିଶୋର ଶ୍ରୀବାସ୍ତବ, ଇକ୍ବାଲ୍ ଅହମ୍ମଦ, ଆଶୁତୋଷ ସାହୁ, ଲକି ପଣ୍ଡା, ସୁରେଶ ଅଗ୍ରୱାଲ, ଚନ୍ଦନ ବଂସଲ, ବିନୟ ଶର୍ମା, ଅଭିଜିତ ପତି, ରାଜୁ ସାହୁ, ଗୋପାଳ ମିଶ୍ର, ବିକାଶ ମିଶ୍ର, ଡମ୍ବୁ ମେହେର, ସନ୍ତୋଷ ବହିଦାର, କୁନାଲ ସିଂ ବରିହା, ସନାତନ ସାହୁ, ରୋହିତ ଅଗ୍ରୱାଲ, ଗାଦି ପଟ୍ଟନାୟକ, ପ୍ରକାଶ ସାହୁ, ସମାରୁ ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ






ବରପାଲି, ୨୩।୨(ସମିସ): ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ତରଙ୍ଗ' ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ମୁଖ୍ୟ ଯତୀନ୍ଦ୍ର ସାହୁଙ୍କ ପରିଚାଳନା ସଭାରେ ମୁଖ୍ୟ ଅତିଥି ଭାବେ ଏମସିଏଲ ଉପଦେଷ୍ଟା ସୁକାନ୍ତ ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧନୁଯାତ୍ରା କମିଟିର ସମ୍ପାଦକ ସୁରେଶ୍ୱର ଶତପଥୀ, ମହାବିଦ୍ୟାଳୟ ଗଭର୍ଣ୍ଣି ବଡି ସଭାପତି ସତ୍ୟନାରାୟଣ ଦାଶ, ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ପଦ୍ମଶ୍ରୀ ହଲଧର ନାଗ ମଞ୍ଚାସୀନ ଥିଲେ। ଅଧ୍ୟାପିକା ପରିଣିତା ପଧାନ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଅଧ୍ୟାପକ ଯତୀନ୍ଦ୍ର ସାହୁ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ବାର୍ଷିକ ବିବରଣୀ ପଠନ କରିଥିଲେ ଏବଂ ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁଧାଂଶୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ କଳାକାର ମାନଙ୍କ ଦ୍ୱାରା ଫଟୋ ଗ୍ୟାଲେରୀ ପ୍ରଦର୍ଶନ ହୋଇଥିଲା। ମହାବିଦ୍ୟାଳୟ ୱାଲ୍ ମାଗାଜିନ୍ ଉନ୍ମୋଚିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ସ୍ତରରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟେ ପ୍ରଥମ ଥିବା ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ନାଟ୍ୟ ନିର୍ଦ୍ଦେଶକ, ଲେଖକ ଅମିତ୍ ପ୍ରଧାନଙ୍କ ପରିଚାଳନାରେ ମହାବିଦ୍ୟାଳୟର ଛାତ୍ରୀ ମାନେ 'ବିନମୁଲିଆ ଲହ' ନାଟକ ପରିବେଷଣ କରିଥିଲେ। ଛାତ୍ରୀ ମିଷ୍ଟିନା ପଧାନ, ଶ୍ରାବଣୀ, ଗୌରୀ ମେହେରଙ୍କ ସମେତ ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ପିଙ୍କି ବାରିକ, ଜ୍ୟୋତି ସାହୁ, ସସ୍ମିତା ମେହେର, ପୁନମ ସାହୁ, ଶୋଭାବତୀ ଥପା, ଯାଜ୍ଞସେନୀ ପଟେଲ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ଲୋକନାଥ ମେହେର, ସୁଧୀର ପଣ୍ଡା ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ

ବରଗଡ଼, ୨୩।୨(ସମିସ): ବରଗଡ଼ର ଅଗ୍ରଗାମୀ ଯୁବକ ସଂଘ ଠାରେ ଜିଲ୍ଲା ସମାଜସେବୀ ସଂଘର ସଦସ୍ୟ, ଉପଦେଷ୍ଟା, ବରଗଡ଼ର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ସଦସ୍ୟ ଓ ସଦସ୍ୟା ତଥା ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଆଜ୍ଞା ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ସହିତ ସଂଘର ସଭାପତି ବଳିଷ୍ଠ ଦୁର୍ଗାଙ୍କ ସଭାପତିତ୍ୱରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସଂଘର ଅନନ୍ତ ପ୍ରଧାନ ସ୍ୱାଗତ ଜଣାଇଥିଲେ। ସଂଘର ସଭାପତି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସକୁ ଧୁମଧାମରେ ପାଳନ କରାଯିବାକୁ ପ୍ରସ୍ତୁତ ହେବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବରଗଡ଼ର ୧୨ଟି ବ୍ଲକର ଲୁକାୟିତ ପ୍ରତିଭା ମାନଙ୍କୁ ସମ୍ମାନିତ କରିବା, ଛାତ୍ରଛାତ୍ରୀ ମାନଙ୍କ ପାଇଁ ବରଗଡ଼ର ଇତିହାସକୁ ନେଇ ବିଭିନ୍ନ ପ୍ରତିଯୋଗତା ଆୟୋଜନର ପ୍ରସ୍ତାବ ରଖାଯାଇଥିଲା। ଉତ୍ସବକୁ ଜିଲ୍ଲାର କଳାକାର ମାନଙ୍କ ମହାମିଳରେ ପରିଣତ କରାଯିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ବରଗଡ଼ବାସୀ ଏକତ୍ରିତ ହୋଇ ବରଗଡ଼ ଇତିହାସକୁ ମନେ ପକେଇବା, ଜିଲ୍ଲା ପାଇଁ ଗୌରବ ଅର୍ଜିଥିବା ବ୍ୟକ୍ତି ମାନଙ୍କୁ ମଞ୍ଚରୁ ସମ୍ବର୍ଦ୍ଧିତ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ଅଭିଭାବକ ସଂଘର ସଭାପତି ବିମଳ ଦାଶ, ସମାଜସେବୀ ନିମାଇ ମହାପାତ୍ର, ସମାଜସେବୀ ପ୍ରିତମ ସିଂ, ବିଜେପିର ବରିଷ୍ଠ ସଦସ୍ୟ ଅକ୍ରୁର ମଲ୍ଲିକ, କୋଶଲ ସେନାର କୋଶଲ ସଂଗ୍ରାମୀ ବିରବଲ ମହାକୁର, ଆଇନଜୀବୀ ସୁରେନ୍ଦ୍ର ପଣ୍ଡା ଓ ହାଇକୋର୍ଟ ଆଡଭୋକେଟ ହୀରାରାମ ଭୋଇ, ବଜରଙ୍ଗ ଦଳର



ସଭାପତି ସଞ୍ଜୀବ ମେହେର, ଡ. ଆମ୍ବେଦକର ଯୁବକ ସଂଘର ସଭାପତି ଜଗଦଳା, କାଉନସିଲର ଜ୍ୟୋସ୍ନା ପାଇକ ଓ ପ୍ରିୟା ତାଣ୍ଡି, ମହିଳା ସମିତିର ସଦସ୍ୟା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନରୁ ଆସିଥିବା ବିଭିନ୍ନ ସଦସ୍ୟ, ସଂଘର ମୋହନଲାଲ ଅଗ୍ରୱାଲ, ରାଜେଶ ଶର୍ମା, ମନୋଜ ବାଗ, ପ୍ରବେଶରୟ, ନାରାୟଣ ସିଂ, ଶିବ ଲୁହା, କୀର୍ତ୍ତି ମହାନନ୍ଦ, ହରମିତ ସିଂ, ହର୍ଷ ସାହୁ, ନୂତନ ସିଂ, ସାମ୍ବାଦିକ ପ୍ରବୀଣ ସାହୁ, ସୌମ୍ୟ ସାହୁ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଖରମୁଣ୍ଡା ପିପିସି ଧାନ କ୍ରୟ ଜାଲିଆତି, ୨ କର୍ମଚାରୀ ନିଲମ୍ବିତ

ବରଗଡ଼, ୨୩।୨(ସମିସ): ଜିଲ୍ଲାର ବିଜେପୁର ବ୍ଲକ ବଡବାଉସେନ ପାକ୍ସ ଅଧୀନ ଖରମୁଣ୍ଡା ପିପିସିରେ ଧାନ କ୍ରୟ ପ୍ରକ୍ରିୟାରେ ଦୁର୍ନୀତି ତଥ୍ୟ ସାମ୍ନାକୁ ଆସିବା ପରେ ଜିଲ୍ଲା ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିଛି। ବଡ ବାଉସେନ ପାକ୍ସର ଡିଇଓ ରଞ୍ଜନ ସାହୁ ଓ ଖରମୁଣ୍ଡା ମାର୍କେଟ ଇନ୍ଚାର୍ଜ ମିନକେତନ ସାହୁଙ୍କୁ ନିଲମ୍ବିନ କରାଯାଇଛି। ଏହାସହ ପାକ୍ସ ସମ୍ପାଦକ ଦୀପକ ସାହୁଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଗୋଟିଏ ଟ୍ରାକ୍ଟର ୫ ମିନିଟ୍‌ରେ ୨୮ କିଲୋମିଟର ଦୂରତା ଅତିକ୍ରମ କରିଥିବା ଦର୍ଶାଯାଇଥିଲା। ଏହାସହ ଏକ ଗାଡି ନମ୍ବରରେ ୨ଟି ଟ୍ରାନଜିଟ ପାସ ଜାରି ହୋଇଥିବା ଓ ସମୟ ମାର୍ଜିନ୍‌ରେ ଅସମତା ଦେଖା ଦେଇଥିଲା। ଫଳରେ ଧାନ କ୍ରୟ ପ୍ରଣାଳୀର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଥିଲା। ପାକ୍ସ ପକ୍ଷରୁ ଏହାକୁ 'ସର୍ଭର ତ୍ରୁଟି' ବୋଲି କୁହାଯାଇ ଥିଲା। ହେଲେ କୃଷକ ମହଲ ଏହି ଘଟଣାକୁ ସହଜ ଭାବେ ଗ୍ରହଣ କରି ନଥିଲେ। ଚାଷୀ ନେତା ରମେଶ ମହାପାତ୍ର ଅନ୍ୟ ମଣ୍ଡି ମାନଙ୍କ ଏଣ୍ଟ୍ରି ଯାଞ୍ଚ ପାଇଁ ଦାବି କରିଥିଲେ। ଖବର ପାଇବା ପରେ ଜିଲ୍ଲା ପ୍ରଶାସନ ଘଟଣାର ତଦନ୍ତ ପାଇଁ ୬ ଜଣିଆ କମିଟି ଗଠନ କରିଥିଲା। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଏହି ରିପୋର୍ଟ ପ୍ରଦାନ କରାଯାଇଥିଲା। ରିପୋର୍ଟ ଆଧାରରେ ଏସଆରସିଏସ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିରେ ୨ ଜଣ ପାକ୍ସ କର୍ମଚାରୀଙ୍କୁ ନିଲମ୍ବନ କରାଯିବା ସହ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତେବେ ଜାଲ ପଞ୍ଜୀକରଣ ମାଧ୍ୟମରେ ଅନିୟମିତତା ସାବ୍ୟସ୍ତ ହୋଇଥିବା ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ଧାନ କିଣାବିକାରେ କୌଣସି ପ୍ରକାରର ଜାଲିଆତି କିମ୍ବା ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛି। ଆଗାମୀ ଦିନରେ ଏପରି ଅଭିଯୋଗ ଆସିଲେ ଅଧିକ କଡା ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲ କହିଛନ୍ତି।

# ମହିଳା ବୁଣାକାରଙ୍କ ପାଇଁ କ୍ଷମତା ବିକାଶ କର୍ମଶାଳା ଉଦ୍‌ଘାଟିତ

ବରଗଡ଼, ୨୩।୨(ସମିସ): ବରଗଡ଼ ହୋଟେଲ ଟୁଲିରେ ସୋମବାର ୩୦ ଜଣ ମହିଳା ବୁଣାକାର ମାନଙ୍କ ପାଇଁ ୪ଦିନିଆ କ୍ଷମତା ବିକାଶ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ମହିଳା ବୁଣାକାରଙ୍କ ମଧ୍ୟରେ, ଆତ୍ମବିଶ୍ୱାସ, ନେତୃତ୍ୱ, କୌଶଳ, ସୃଜନଶୀଳତା, ଉଦ୍ୟମିତା ଓ କ୍ଷମତାକୁ ବୃଦ୍ଧି କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମକୁ ମିଳିତ ଜାତିସଂଘର ମହିଳା ସଶକ୍ତିକରଣ ବିଭାଗ ବା ବିକାଶ ଆୟୁକ୍ତ (ହ୍ୟାଣ୍ଡଲୁମ୍) ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରାଣାଳୟ ଏବଂ ଭାରତୀୟ ହସ୍ତତନ୍ତ ପ୍ରଦ୍ୟୋଗିକ ପ୍ରତିଷ୍ଠାନ ବରଗଡ଼ଙ୍କ ଦ୍ୱାରା ଆୟୋଜନ କରା ଯାଇଥିଲା। ଭାରତୀୟ ହସ୍ତତନ୍ତ ପ୍ରଦ୍ୟୋଗିକ ପ୍ରତିଷ୍ଠାନର ନିର୍ଦ୍ଦେଶକ ବ୍ରିଜେଶ ଅବସ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ୟୁଏନ୍ ଟ୍ରେନର ଶିରିନ କୌର ଓ ଓଡ଼ିଶା ସରକାରଙ୍କ ଉପ ନିର୍ଦ୍ଦେଶକ (ହ୍ୟାଣ୍ଡଲୁମ୍) ଦେବୋଜିତ୍ ନନ୍ଦୀ ଉପସ୍ଥିତ ଥିଲେ। ସନ୍ଥ କବୀର ପୁରସ୍କାର ବିଜେତା ସୁରେନ୍ଦ୍ର ମେହେର ଓ ରାମକୃଷ୍ଣ ମେହର, ଆଇଆଇଏଚଟି ବରଗଡ଼ର ବରିଷ୍ଠ ଅଧ୍ୟାପକ ଦେବେନ୍ଦ୍ର, ଯାଦବ ଓ ଧର୍ମେନ୍ଦ୍ର, ଡେପୁଟି ନିର୍ଦ୍ଦେଶକ ଦିଲୀପ ଦାଶ, ଅରବିନ୍ଦ, ସାମନ୍ତ ଭୋଇ, ଅଧ୍ୟାପକ ତଥା କଳାକାର ରାଜେନ୍ଦ୍ର ସିକନ୍ଦର, ଜାତୀୟ ପୁରସ୍କାର ବିଜେତା ଶାନ୍ତିଲତା ମେହେର ଓ ସୁକାନ୍ତି ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦେବୋଜିତ୍ ନନ୍ଦୀ ବରଗଡ଼ ଦେଶର ଏକମାତ୍ର ଜିଲ୍ଲା ଯେଉଁ ଠାରେ




ହ୍ୟାଣ୍ଡଲୁମ୍ କ୍ଷେତ୍ରରେ ସର୍ବାଧିକ ବୃଦ୍ଧି ହାର ଦେଖାଯାଇଛି ବୋଲି କହିଥିଲେ। ଏହି ପ୍ରଶିକ୍ଷଣ ମହିଳା ମାନଙ୍କୁ ଉଦ୍ୟମିତା ଓ ବିପଣନ ସୁଯୋଗକୁ ଅନ୍ୱେଷଣ କରିବାରେ ସଶକ୍ତ କରିବ ବୋଲି ନିର୍ଦ୍ଦେଶକ ବ୍ରିଜେଶ ଅବସ୍ତି ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ମହିଳା ବୁଣାକାର ମାନଙ୍କୁ ସମର୍ଥନ ଓ ସବୁ ପ୍ରକାର ସାହାଯ୍ୟ ଦେବାକୁ ସଂକଳ୍ପ ନେଇଥିଲେ।

# ଫାଲ୍‌ଗୁନ ଦଶମୀରେ ଶ୍ୟାମ ପ୍ରଭୁଙ୍କ ଜାଗରଣ ଉତ୍ସବ

ବରଗଡ଼, ୨୩।୨(ସମିସ): ଫାଲ୍ଗୁନ ଦଶମୀ ଅବସରରେ ବରଗଡ଼ ସହରର ବାନ୍ଧୁଟିକ୍ରା ଛକ ସ୍ଥିତ ସ୍ୱଙ୍ଗସିଦ୍ଧ ଭବନରେ ଶ୍ରୀ ଶ୍ୟାମ ପରିବାର ପକ୍ଷରୁ ଭବ୍ୟ ଶ୍ରୀ ଶ୍ୟାମ ଫାଗୁନ୍ ମହୋତ୍ସବ ଓ ଜାଗରଣ ଆୟୋଜିତ ହେବ। ଶ୍ରୀ ଶ୍ୟାମ ପରିବାରର ଅଧ୍ୟକ୍ଷ କିଶନ ଲାଲ ଅଗ୍ରୱାଲ ଫାଲ୍ଗୁନ ଦଶମୀ ସନ୍ଧ୍ୟା ୬ରେ ବାବା ଶ୍ୟାମଙ୍କ ଶୃଙ୍ଗାର କରାଯିବ ଏବଂ ଯଜମାନଙ୍କ ଦ୍ୱାରା ବିଧିବତ ପୂଜାର୍ଚ୍ଚନା ସମ୍ପନ୍ନ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଭାରତର ସୁପ୍ରସିଦ୍ଧ ଭଜନ ଗାୟକ ରତିକ ଗୁପ୍ତା (ଦିଲ୍ଲୀ), ଭାବନା ସ୍ୱରାଞ୍ଜଳି (ଦିଲ୍ଲୀ), ରାଜୀବ ପୁରୀ (ସମ୍ବଲପୁର), ସୁରେଶ ମୁନ୍ଦଡା (ସମ୍ବଲପୁର) ଏବଂ କୋଲକାତାର ଦିବ୍ୟ ଝାଙ୍କି ତାନିଆ ଆଣ୍ଡ ଗ୍ରୁପ ଦ୍ୱାରା ଭକ୍ତିରସ ପରିବେଷଣ ହେବ। ଫାଲ୍ଗୁନ ଏକାଦଶୀ ପ୍ରଭାତ ୩ଟାରେ କାର୍ଯ୍ୟକ୍ରମ ସ୍ଥଳରୁ ଭଟଲିଧାମ ପର୍ଯ୍ୟନ୍ତ ନିଶାନ ପଦଯାତ୍ରା ହେବ। ଯେଉଁ ଭକ୍ତମାନେ ବାବା ଶ୍ୟାମଙ୍କୁ ନିଶାନ ଅର୍ପଣ କରିବାକୁ ଚାହୁଁଛନ୍ତି ସେମାନେ ଶ୍ରୀ ଶ୍ୟାମ ପରିବାର, ବରଗଡ଼ ସହ ସମ୍ପର୍କ କରି ନିଶାନ କୂପନ ସଂଗ୍ରହ କରିପାରିବେ। କାର୍ଯ୍ୟକ୍ରମରେ ବାବା ଶ୍ୟାମଙ୍କୁ ଛପନ ଭୋଗ ଅର୍ପଣ କରାଯିବ। ସେହିପରି ସବାମଣି ପ୍ରସାଦ ଓ ଭକ୍ତମାନଙ୍କ ପାଇଁ ବିଶାଳ ଭଣ୍ଡାରାର ବ୍ୟବସ୍ଥା ରହିଛି। ବାହାରୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ଶ୍ରୀବ୍ରାହ୍ମଣ ସାଂସ୍କୃତିକ ପରିଷଦରେ ରହିବା ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ରହିଛି।

# ଦଧିବାମନ ସ୍ନାତକ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର

ଭଟଲି, ୨୩।୨(ସମିସ): ଦଧିବାମନ ସ୍ନାତକ ମହାବିଦ୍ୟାଳୟ ଭଟଲି ପରିସରରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଅଧ୍ୟକ୍ଷ ସରୋଜ ଦାଶଙ୍କ ସଭାପତିତ୍ୱରେ ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ବିଶ୍ୱଜିତ ହୋତା, ଅଧ୍ୟାପକ ରାଜୀବ ସାହୁ, ଆତ୍ମସୁରକ୍ଷା ତାଲିମର ସଂଯୋଜିକା ଅଧ୍ୟାପିକା ରାଜଶ୍ରୀ ନାଥ, ଆତ୍ମସୁରକ୍ଷା ତାଲିମଦାତା ଶିକ୍ଷିକା ବର୍ଷାରାଣୀ ମିଶ୍ର ଯୋଗ ଦେଇଥିଲେ। ମହିଳାମାନଙ୍କ ପାଇଁ ଆତ୍ମସୁରକ୍ଷାର କୌଶଳ ଜାଣିବା ନିହାତି ଦରକାର ବୋଲି ମତବ୍ୟକ୍ତ କରିଥିଲେ। ୮ ଦିନ ଧରି ହେବାକୁ ଥିବା ଶିବିରରେ ଶତାଧିକ ଛାତ୍ରୀ ଯୋଗ ଦେଇ ପ୍ରତ୍ୟହ ତାଲିମ ଗ୍ରହଣ କରିବେ। କାର୍ଯ୍ୟକ୍ରମରେ ରମାକାନ୍ତ ପଧାନ, ବେଦବ୍ୟାସ ପଧାନ, ସନ୍ତୋଷ ବାଗ, ରସାନନ୍ଦ ସାହୁ, ହରି ପଧାନ କିର୍ତ୍ତି ଚନ୍ଦ୍ର ବାଗ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ

ଅତାବିରା, ୨୩।୨(ସମିସ): ଗୋଡଭଗା ଜୁବଲି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ପଞ୍ଚ ଦିବସୀୟ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଦିବସର ପ୍ରାରମ୍ଭରେ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ସ୍ଥାନୀୟ



ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ନୂତନ ଶିକ୍ଷା ନୀତି ୨୦୨୦କୁ ନେଇ ହୋଇଥିବା ଜାତୀୟ ପାଠ୍ୟକ୍ରମ ରୂପରେଖ ବିଦ୍ୟାଳୟ ଶିକ୍ଷା ୨୦୨୩ ଓ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ବିଦ୍ୟାଳୟ ଶିକ୍ଷା ୨୦୨୫ ଆଧାରରେ ଆସନ୍ତା ଶିକ୍ଷା ବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ କାର୍ଯ୍ୟକାରୀ ହେବାକୁ ଥିବା ନୂତନ ପାଠ୍ୟ ପୁସ୍ତକର ବୈଶିଷ୍ଟ୍ୟ, ପାଠ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସାଧନା କର୍ମୀ ଭାବେ ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଜାରଞ୍ଜନ ମେହେର, ଖିରେଶ୍ୱର ସାହୁ, ଉଷାରାଣୀ ସାମନ୍ତ ଯୋଗଦାନ କରି ତାଲିମ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମରେ ସିଆରସିସି ନନ୍ଦିଘୋଷ ଭୁଏ, କେଶବ ଛନ୍ଦ, ତ୍ରିଲୋଚନ ସେଠ୍, ଆଶିଷ ନାଥ, ରାଜୀବ ବିଶ୍ୱାଳ, ବଳରାମ ମେହେର ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# କାମରେ ଆସୁନି କଲ୍ୟାଣ ମଣ୍ଡପ

ବିଜେପୁର, ୨୩।୨(ସମିସ)

ଜିଲ୍ଲାର ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତତ୍ତ୍ୱାବଧାନରେ ଥିବା ଚାମ୍ପୋଦର କଟା ନିକଟସ୍ଥ କଲ୍ୟାଣ ମଣ୍ଡପ ଅକାମୀ ହୋଇ ପଡ଼ି ରହିଥିବା ଅଭିଯୋଗ ହେଉଛି। ଏହାର ଚାରିପାଖରେ ଲଟାବୁଦା, ଆବର୍ଜନା ଓ ମଇଳା ଭର୍ତ୍ତି ହୋଇ ଦୂଷିତ ପରିବେଶ ସୃଷ୍ଟି ହୋଇଛି। ଏଠାରେ ଏକ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ଲାଗିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇନାହିଁ। ଫଳରେ ଏହା ଜନସାଧାରଣଙ୍କ କୌଣସି କାମରେ ନ ଲାଗି ଅବ୍ୟବହୃତ ହୋଇ ପଡ଼ି ରହିଛି। ପାଖାପାଖି ତିନି ବର୍ଷ ହେବ ୨ କୋଟି ଟଙ୍କା ବ୍ୟୟରେ ଏହି ବୃହତ୍ କଲ୍ୟାଣ ମଣ୍ଡପ ନିର୍ମିତ ହୋଇଛି। ବାହାଘର, ପାରିବାରିକ ଉତ୍ସବ, ସଭା ସମିତି ଆଦି ପାଇଁ ବିଜେପୁରରେ ମଣ୍ଡପର ଆବଶ୍ୟକତା




ଥିବା ବେଳେ ନିର୍ମିତ ମଣ୍ଡପ ଲୋକଙ୍କ କାମରେ ଆସୁନାହିଁ। ଦାମ୍ପୋଦର କଟା ସନ୍ନିକଟ ଅଞ୍ଚଳରେ ନିର୍ମିତ ହେଲେ ମଣ୍ଡପଟି ସବୁବେଳେ ବ୍ୟବହାର ହୋଇ ପାରିବ ବୋଲି ଆଶା କରାଯାଉଥିଲା। ଅଥଚ ଏହା ଅଲୋଡା ଭାବେ ପଡ଼ିରହିଛି। ଏହି ବୃହତ କଲ୍ୟାଣ ମଣ୍ଡପ ପ୍ରତି ସ୍ଥାନୀୟ ପ୍ରଶାସନର ଦୃଷ୍ଟିଦେବାକୁ ବିଜେପୁର ବାସୀ ଦାବି କରିଛନ୍ତି। ମଣ୍ଡପର ସମସ୍ୟା ସଙ୍କ୍ରାନ୍ତରେ ସ୍ଥାନୀୟ କିଛି ସାମାଜିକ କର୍ମୀ ତଥା ବରିଷ୍ଠ ନାଗରିକ ବିଜେପୁର ଏନ୍ଏସି କର୍ତ୍ତୃପକ୍ଷଙ୍କ ସହିତ ପୂର୍ବରୁ ଅନେକଥର ଆଲୋଚନା କରିଥିଲେ ସୁଦ୍ଧା ଏ ଦିଗରେ ତତ୍ପରତା ଗ୍ରହଣ କରାଯାଇ ନାହିଁ ବୋଲି କହିଛନ୍ତି। ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୀତା ବାରିକଙ୍କୁ ପଚରାଯିବାରୁ ବିଦ୍ୟୁତ ସଂଯୋଗ ପାଇଁ ପଦକ୍ଷେପ

### ନଷ୍ଟ ହେଉଛି ୨ କୋଟିର ପ୍ରକଳ୍ପ

ନିଆଯାଉଛି। ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି। ବହୁ ପ୍ରତୀକ୍ଷିତ ଏହି ମେଗା କଲ୍ୟାଣ ମଣ୍ଡପର ସମସ୍ୟା ସଙ୍କ୍ରାନ୍ତରେ ପୂର୍ବରୁ ମଧ୍ୟ ଖବର ପ୍ରସାରଣ ହୋଇଥିଲା। ମାତ୍ର ସ୍ଥାନୀୟ ପ୍ରଶାସନ ଏହାକୁ ଗୁରୁତ୍ୱ ସହିତ ନେଇ ନାହାନ୍ତି। ଏ ନେଇ ସ୍ଥାନୀୟ ନାଗରିକ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ସ୍ମୃତିରକ୍ଷା ପାଇଁ ବୃକ୍ଷରୋପଣ

ମେଲଛାମୁଣ୍ଡା, ୨୩।୨(ସମିସ): ସଂସାରରୁ ବିଦାୟ ନେବା ପରେ ସେହି ବ୍ୟକ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୋଖରୀ ଖନନ, ପାନୀୟଜଳ ଯୋଗାଣ, ମନ୍ଦିର ନିର୍ମାଣ, ବିଦ୍ୟାଳୟ ଓ ମହାବିଦ୍ୟାଳୟ, ପାଠାଗାର, ଅନାଥାଶ୍ରମ ପରି ଅନୁଷ୍ଠାନ ଖୋଲା ଯାଇଥାଏ। କିନ୍ତୁ ପ୍ରକୃତିବନ୍ଧୁ ମୀନକେତନ ସାହୁ ଗତ ୨୫ ବର୍ଷ ଧରି ମୃତ ବ୍ୟକ୍ତିଙ୍କ ସ୍ମୃତିରକ୍ଷା ନିମିତ୍ତ ବୃକ୍ଷରୋପଣ ଓ ତାହାର ସଂରକ୍ଷଣ କାର୍ଯ୍ୟ କରି ଆସୁଛନ୍ତି। ଏହି ଆଧାରରେ ଗାଇସିଲଟ ବ୍ଲକ ଅଧୀନ କେର୍ମେଲି ଗାଁରେ ସ୍ୱର୍ଗତ ଦୁଃଖୁ ସାହୁଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ପୁଅ ପ୍ରଦୀପ ସାହୁ ଓ ବୈଲୋଚନ ସାହୁଙ୍କ ଦ୍ୱାରା ରାସ୍ତା ପାର୍ଶ୍ୱରେ ବଉଳ ଚାରାରୋପଣ କରାଯାଇଛି। ସ୍ୱର୍ଗତ ଦୁଃଖୁ ସାହୁଙ୍କ ଦୁଇ ବଡ ଭାଇ ସ୍ୱର୍ଗତ ପରିକ୍ଷିତ ସାହୁ ଓ ସ୍ୱର୍ଗତ ପବିତ୍ର ସାହୁଙ୍କ ସ୍ମୃତିରକ୍ଷା ପାଇଁ ପୁତ୍ର ରୂପାଧର



ସାହୁ ଓ ବାମ ସାହୁ ପଥ ପାର୍ଶ୍ୱରେ ବଉଳ ଚାରାରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ବରଗଡ଼ର ସମ୍ପାଦକ ପ୍ରକୃତିବନ୍ଧୁ ମୀନକେତନ ସାହୁ ଚାରା ପ୍ରଦାନ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଚାରାରୋପଣ ସହ ସେ ଉପସ୍ଥିତ ପୁତ୍ର ତଥା ଆତ୍ମୀୟ ସ୍ୱଜନଙ୍କୁ ବୃକ୍ଷର ସୁରକ୍ଷା ତଥା ପରିବେଶ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ୧୫ ବର୍ଷ ପୂର୍ବେ ସେହି କେର୍ମେଲି ଗାଁର ସ୍ୱର୍ଗତ ଡୋଲାମଣୀ ବାରିକଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ତାଙ୍କର ନାତି ହୃଷିକେଶ ସାହୁଙ୍କ ଦ୍ୱାରା ରୋପିତ ବଉଳ ବୃକ୍ଷ ପଥିକ ମାନଙ୍କ ପାଇଁ ବର୍ତ୍ତମାନ ଆଶ୍ରୟସ୍ଥଳୀ ପାଲଟିଛି। ଏହିପରି ମୃତବ୍ୟକ୍ତିଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ବୃକ୍ଷରୋପଣ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି।

